31 YEARS

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

# ସମ୍ବାଦ କଳିକା

The Sambad Kalika

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

KVQA NORSK AKKREDITERING MSYS 007

NS-EN ISO 9001:2008 The Only ISO Certified Odiya Newspaper

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୧ ● ୨୬ ଜାନୁଆରୀ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-1 ● 26th January 2025, Sunday ● Bhubaneswar | Licensed to post without pre-payment of postage No- BN-60/25-27


# ସମ୍ବିଧାନ ଆମର ସାମୂହିକ ପରିଚୟର ଆଧାର: ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୨୫।୧**

୭୬ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ର ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଗଣତନ୍ତ୍ର ଦିବସ ଅବସରରେ ମୁଁ ଆପଣଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ୭୫ବର୍ଷ ପୂର୍ବେ ୨୬ ଜାନୁଆରୀରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା।

ଆଜି ଆମେ ପ୍ରଥମେ ଦେଶ ନିର୍ମାଣରେ ନିଜର ପଦଚିହ୍ନ ଛାଡ଼ିଥିବା ମହାମନିଷୀଙ୍କୁ ସ୍ମରଣ କରିବା ଉଚିତ୍ । ଯେଉଁମାନେ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ବଳିଦାନ ଦେଇଥିଲେ । ଆମେ ଚଳିତ ବର୍ଷ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମ ବାର୍ଷିକୀ ପାଳନ କରୁଛୁ।

ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିନିଧି ଭାବରେ ଛିଡା ହୋଇଛନ୍ତି, ଯାହାର ଜାତୀୟ ଇତିହାସରେ ଭୂମିକା ବର୍ତ୍ତମାନ ସତ୍ୟରେ ସ୍ୱୀକୃତିପ୍ରାପ୍ତ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେମାନଙ୍କର ସଂଘର୍ଷ ଏକ ସଂଗଠିତ ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ ଏକୀଭୂତ ହୋଇଥିଲା। ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ ତାତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ଶିଖିବାକୁ ଆସିଥିଲୁ ସେମାନେ ସର୍ବଦା ଆମର ସଭ୍ୟତା ଐତିହ୍ୟର ଅଂଶ ହୋଇଆସୁଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ କେବଳ ତାତ୍ତ୍ୱିକ ଧାରଣା ନୁହେଁ ଯାହାକୁ ଆମେ ଆଧୁନିକ ଯୁଗରେ ପରିଚିତ କରିଛୁ। ଏହି ଜୀବନ ମୂଲ୍ୟ ସବୁବେଳେ ଆମର ସଭ୍ୟତା ଏବଂ ସଂସ୍କୃତିର ଏକ ଅଂଶ ହୋଇଆସିଛି।

ଭାରତର ଗଣତନ୍ତ୍ର ମୂଲ୍ୟ ପ୍ରତିଫଳନ ଆମର ସମ୍ବିଧାନ ରଚନାରେ ମଧ୍ୟ *(ପୃଷ୍ଠା ୭ରେ)*

## ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ବାଦ କଳିକାର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

**ପରିଚାଳକ**

## ଛୁଟି ଘୋଷଣା

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ସମ୍ବାଦ କଳିକାର କାର୍ଯ୍ୟାଳୟ ତା ୨୬.୧.୨୦୨୫ ଦିନବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୭.୧.୨୦୨୫ ସନ୍ଧ୍ୟାରେ ପ୍ରକାଶ ପାଇବ ।

**ପରିଚାଳକ**


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏକାଳ ପଖାଳ



ଗଣତନ୍ତ୍ର ଦିବସ ପାଇଁକି
ସବୁ ଆଡେ ପରା ଖୁସି
ବିଶାଳ ଭୂଖଣ୍ଡ ବିଶାଳ ଜନତା
ବିଶ୍ୱ ଆଖି ହୁଏ ଖୋସି
ଭାରତ ଆଗକୁ ବଢିବ ବେଶୀ
ଏକ ମନପ୍ରାଣ ହେଲେ ସଭିଁଏ
ସଫଳତା ଧରାଦେବ ଆସି।

# ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ : ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆଶା

**ଭୁବନେଶ୍ୱର, ୨୫।୧ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା-ମେକ ଇନ ଓଡ଼ିଶା-୨୦୨୫ କାର୍ଯ୍ୟକ୍ରମରେ ବିଶ୍ୱର ୧୬ଟି ଦେଶରୁ ବିଶିଷ୍ଟ ଶିଳ୍ପପତି, ପୁଞ୍ଜିନିବେଶକ, କନ୍‌ସୁଜେନେରାଲା, ଆମ୍ବାସାଡାରଙ୍କ ସମେତ ୭୫୦୦ରୁ ଅଧିକ ଜଣାଶୁଣା ଶିଳ୍ପ ପ୍ରତିନିଧି ଯୋଗ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମେଗା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ଏବଂ ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ। ଶନିବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ସୂଚନା ଦେଇ କହିଥିଲେ ଯେ, ରାଜ୍ୟର ସ୍ଥାୟୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା କରିବାର ଲକ୍ଷ୍ୟ ନେଇ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଏହି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ଆଶା କରାଯାଉଛି।



କାର୍ଯ୍ୟକ୍ରମ ଜରିଆରେ ଷ୍ଟାର୍ଟ ଅପ ଓଡ଼ିଶା, ସ୍କିଲ ଇନ ଓଡ଼ିଶା ଏବଂ ଓମେନ ଇନ୍ ଓଡ଼ିଶା ବା ଶୁଭଦ୍ରାରୁ ଶସକ୍ତ ବିଷୟରେ ଆଲୋଚନା ହେବ। ଜାନୁଆରୀ ୩୦ରେ ମେଗା କାର୍ଯ୍ୟକ୍ରମର ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ। ସିନେମା ଓ ଗଣମାଧ୍ୟମ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା, ଅଣୁ କ୍ଷୁଦ୍ର ଶିଳ୍ପ ଗୁଡିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମଧ୍ୟ ଏହା ସହାୟକ ହେବ।

ଶିଳ୍ପମନ୍ତ୍ରୀ କହିଛନ୍ତି, ଭାରତର ଶିଳ୍ପ ବିପ୍ଳବର ନେତୃତ୍ୱ ନେବାକୁ ଓଡ଼ିଶା ପ୍ରସ୍ତୁତ ଅଛି । ବିଗତ ୭ ମାସ ମଧ୍ୟରେ ନୂଆ ସରକାର ୧୫୯ ଶିଳ୍ପକୁ *(ପୃଷ୍ଠା ୭ରେ)*

# ଶିଶୁ ସ୍ୱାସ୍ଥ୍ୟ, ଶିକ୍ଷାକୁ ପ୍ରଭାବିତ କରୁଛି ପ୍ରଦୂଷଣ, ଗ୍ରୀଷ୍ମଲହର

**ନୂଆଦିଲ୍ଲୀ, ୨୫।୧**

ବାୟୁ ପ୍ରଦୂଷଣ ଓ ଗ୍ରୀଷ୍ମ ଲହର ଭଳି ପରିବେଶ ଜନିତ ସମସ୍ୟା ଯୋଗୁ ଭାରତରେ ଶିଶୁମାନେ ଗୁରୁତର ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା 'ୟୁନିସେଫ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ କେବଳ ୨୦୨୪ରେ ଭାରତରେ ୫.୪୮ କୋଟି ପିଲା ଗ୍ରୀଷ୍ମଲହର ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅତ୍ୟଧିକ ଉତ୍ତପ୍ତ ଦିନ ସାଙ୍ଗକୁ ବନ୍ୟା, ଭୂସ୍ଖଳନ, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କେବଳ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି ତାହା ନୁହେଁ, ଏହା ସେମାନଙ୍କ ଶିକ୍ଷାଗ୍ରହଣରେ ମଧ୍ୟ ବାଧା ସୃଷ୍ଟି କରୁଛି।

ୟୁନିସେଫ ଶିଶୁ ଜଳବାୟୁ ବିପଦ ସୂଚକାଙ୍କରେ ୧୬୩ ଦେଶ ମଧ୍ୟରେ ଭାରତ ୨୬ତମ ର୍‍ୟାଙ୍କରେ ରହିଛି, ଯାହାକି ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଅତ୍ୟନ୍ତ ବିପଜ୍ଜନକ ସ୍ଥିତି। ଦେଶରେ ହିଟ୍‌ୱେଭ ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ପିଲାମାନେ ନିରାପଦ ଏବଂ ଅନୁକୂଳ ଶୈକ୍ଷିକ ପରିବେଶ ପାଇବା କଷ୍ଟକର ହୋଇପଡ଼ିଛି। ଗ୍ରୀଷ୍ମଲହର ଏବଂ ପ୍ରଦୂଷଣ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ସହ ରୋଗାକ୍ରାନ୍ତ କରାଉଛି ଓ ପାଠପଢ଼ାରେ ବ୍ୟାଘାତ ଘଟାଉଛି। ଜାତୀୟ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରିବା ପାଇଁ ୟୁନିସେଫ ଭାରତ ସରକାରଙ୍କ ସହ ଏକାଠି କାର୍ଯ୍ୟ କରିଆସୁଛନ୍ତି। ପିଲାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇବା ଦିଗରେ ପ୍ରସ୍ତୁତ କରାଇବା ଏହାର ଲକ୍ଷ୍ୟ। ଜାତିସଂଘ ଶିଶୁ ପାଣ୍ଠି ବା ୟୁନିସେଫ ସାରା ବିଶ୍ୱର ପିଲାମାନଙ୍କ ଜୀବନଧାରଣ ମାନ ଉନ୍ନତ କରିବା ଦିଗରେ କାର୍ଯ୍ୟ କରିଥାଏ। ଏହାର ଜାତୀୟ ପାଠ୍ୟକ୍ରମ କାର୍ଯ୍ୟଯୋଜନାରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରାଯାଇଛି । ୧୨ ରାଜ୍ୟରେ ବିସ୍ତୃତ ବିଦ୍ୟାଳୟ ନିରାପତ୍ତା କାର୍ଯ୍ୟକ୍ରମ (ସିଏସ୍‌ଏସ୍‌ପି) କାର୍ଯ୍ୟକାରୀ କରାଇବାରେ ଏହା ସରକାରଙ୍କୁ ସହଯୋଗ କରୁଛି। ୨୦୨୪ରେ ଏହି କାର୍ଯ୍ୟକ୍ରମ ଜରିଆରେ ୧,୨୧,୦୦୦ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ସରକାର କରିବେ ୩.୯୧ଲକ୍ଷ ଏକର ଜମିକୁ ଜଳସେଚନ, ଖର୍ଚ୍ଚହେବ ୯୬୫୨କୋଟି




**ଭୁବନେଶ୍ୱର, ୨୫।୧ : ନ୍ୟୁଜ୍ ବ୍ୟୁରୋ**

ମୋହନ ମାଝୀଙ୍କ ସରକାର ୫ବର୍ଷ ମଧ୍ୟରେ ରାଜ୍ୟରେ ୩.୯୧ଲକ୍ଷ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବେ। ଏଥିପାଇଁ ୯୬୫୨.୨୪କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ଖର୍ଚ୍ଚ କରିବେ । ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଯୋଜନାରେ ଏହି ଜଳସେଚନ ଭିତ୍ତିଭୂମି ସୃଷ୍ଟି ହେବ।

ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଂକଳ୍ପ ପତ୍ର ଅନୁସାରେ, ଏହି ଯୋଜନାରେ ୫ବର୍ଷ ମଧ୍ୟରେ ଅତିରିକ୍ତ ଭାବେ ୧୫୮୩୧୮ ହେକ୍ଟର (୩,୯.୨୧୨ଏକର)ଜମିରେ ସେଚାଞ୍ଚଳ ସୃଷ୍ଟି ସହିତ ୬୪୩୫ ହେକ୍ଟର ସେଚାଞ୍ଚଳର ସୁଦୃଢୀକରଣ କରାଯିବ । ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ, ନଦୀ ଅବବାହିକାରେ ବନ୍ୟା ଓ ମରୁଡ଼ି ପରିସ୍ଥିତିର ନିୟନ୍ତ୍ରଣ, ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ସହିତ ନିର୍ମାଣଧୀନ ଜଳସେଚନ *(ପୃଷ୍ଠା ୭ରେ)*







# ଭାରତ-ଇଣ୍ଡୋନେସିଆ ସମ୍ପର୍କ ହେଲା ଆହୁରି ମଜଭୁତ, ଚୀନକୁ ଦେଲେ ଖୋଲା ବାର୍ତ୍ତା

**ନୂଆଦିଲ୍ଲୀ, ୨୫।୧**

ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ନୂତନ ଶିଖରରେ ପହଞ୍ଚିଛି। ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଶନିବାର ଦୁଇ ଦେଶ ମଧ୍ୟରେ ଅନେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ପ୍ରତିରକ୍ଷା ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ମିଳିତ ଭାବରେ କାମ କରିବାକୁ ଉଭୟ ରାଜି ହୋଇଥିଲେ।

ଦୁଇ ଦେଶ ମଧ୍ୟରେ ଏହି ବଢ଼ୁଥିବା ବନ୍ଧୁତା ଚୀନ ପାଇଁ ମଧ୍ୟ ଏକ ବାର୍ତ୍ତା। ସୂଚନାଯୋଗ୍ୟ, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ ଗଣତନ୍ତ୍ର ଦିବସରେ ଭାରତର ଅତିଥି ହୋଇ ଆସିଥିବାରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଆତିଥେୟତା ପ୍ରଦାନ କରିବା ସହ ତାଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ।



ତିନି ଦିନିଆ ଭାରତ ଗସ୍ତରେ ଥିବା ସୁବିୟାଣ୍ଟୋ ରବିବାର କର୍ତ୍ତବ୍ୟ ପଥରେ ଗଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ହେବେ।

ମୋଦି ଇଣ୍ଡୋନେସିଆକୁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ୧୦-ରାଷ୍ଟ୍ରୀୟ ଏସିଆନ ବ୍ଲକରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଉଭୟ ଦେଶ ଏହି କ୍ଷେତ୍ରରେ ଏକ ନିୟମ-ଭିତ୍ତିକ କ୍ରମ ପ୍ରତି ପ୍ରତିବଦ୍ଧ।

ଆମେ ସହମତ ଯେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ନୌବାହିନୀର ସ୍ୱାଧୀନତା ସୁନିଶ୍ଚିତ କରାଯିବା ଉଚିତ। ଆମର ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆମେ ବ୍ୟାପକ ଆଲୋଚନା କରିଥିଲୁ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଭାରତ ଏବଂ ଇଣ୍ଡୋନେସିଆ ପ୍ରତିରକ୍ଷା ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା ଉପରେ ମିଳିତ ଭାବରେ କାମ କରିବାକୁ ରାଜି ହୋଇଛନ୍ତି । ମୋଦି କହିଛନ୍ତି ଯେ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଶନିବାର ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ଅପରାଧ ନିବାରଣ, ସନ୍ଧାନ ଏବଂ ଉଦ୍ଧାର ଏବଂ କ୍ଷମତା ନିର୍ମାଣରେ ସହଯୋଗକୁ ଆହୁରି ମଜଭୁତ କରିବ।

## ଗଣତନ୍ତ୍ର ଦିବସରେ ୯୪୨ ଯବାନଙ୍କୁ ମିଳିବ ବୀରତା ପୁରସ୍କାର

**ନୂଆଦିଲ୍ଲୀ, ୨୫।୧**

୨୦୨୫ ଗଣତନ୍ତ୍ର ଦିବସ ଅବସରରେ, ପୋଲିସ, ଅଗ୍ନିଶମ, ଗୃହରକ୍ଷୀ ଏବଂ ନାଗରିକ ସୁରକ୍ଷା ଏବଂ ସଂଶୋଧନ ସେବାର ୯୪୨ ଜଣ କର୍ମଚାରୀଙ୍କୁ ବୀରତା ପୁରସ୍କାର ପ୍ରଦାନ କରାଯାଇଛି । ଏଥିରେ ୯୫ ଜଣ ସୈନିକଙ୍କୁ ବୀରତା ପଦକ, ୧୦୧ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ, ୭୪୬ ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପଦକ ପ୍ରଦାନ କରାଯାଇଥିଲା।

୯୫ଟି ବୀରତା ପୁରସ୍କାର ମଧ୍ୟରୁ ଅଧିକାଂଶ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ସୈନିକମାନଙ୍କୁ ଦିଆଯାଇଥିଲା। ଏଥିରେ ନକ୍ସଲ ଅଞ୍ଚଳର ୨୮ ଜଣ, ଜମ୍ମୁ ଏବଂ କଶ୍ମୀର ଅଞ୍ଚଳର ୨୮ ଜଣ, ଉତ୍ତର-ପୂର୍ବ ଅଞ୍ଚଳର ୦୩ ଜଣ ସୈନିକ ଏବଂ ଅନ୍ୟାନ୍ୟ ଅଞ୍ଚଳର ୩୬ ଜଣ ସୈନିକଙ୍କୁ ସେମାନଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଉଛି । ଏଥିରେ ୭୮ ଜଣ ପୋଲିସ କର୍ମଚାରୀ ଏବଂ ୧୭ ଜଣ ଅଗ୍ନିଶମ ସେବା କର୍ମଚାରୀ ଅନ୍ତର୍ଭୁକ୍ତ।

## ସନ୍ଧ୍ୟା ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ରାଜଧାନୀରେ ଭାରୀଯାନ ଚଳାଚଳ ଉପରେ କଟକଣା




**ଭୁବନେଶ୍ୱର, ୨୫।୧ : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସହର ଦେଇ ଯାଇଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରିଛନ୍ତି ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ. ଦେବଦତ୍ତ ସିଂହ। କଟକଣା ସମୟରେ ଖୋର୍ଦ୍ଧା ପଟୁ କଟକ ଆସୁଥିବା ଭାରୀ ଯାନ ଯଥା ଟ୍ରକ ଓ ଟ୍ରେଲର ପିତାପଲ୍ଲୀ ଛକଠାରୁ ଭୁବନେଶ୍ୱର ଭିତରକୁ ଆସିପାରିବେ ନାହିଁ। ସେହି ଯାନ ଗୁଡିକ ପିତାପଲ୍ଲୀ ଛକଠାରୁ ଚନ୍ଦକା ଛକ ଦେଇ କଟକ ଯାଇପାରିବେ। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ପଟୁ କୌଣସି ପ୍ରକାରର ଭାରୀଯାନ ରସୁଲଗଡ ଛକ ଆଡକୁ ଆସିପାରିବ ନାହିଁ। ଏହି ନିୟମ ଖିଲାପ କଲେ ୫୦୦ ଟଙ୍କା କିମ୍ବା ସର୍ବାଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ପଦ୍ମ ପୁରସ୍କାର-୨୦୨୫ ଘୋଷଣା କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୨୫।୧**

ସାଧାରଣତ ତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ପଦ୍ମପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଛନ୍ତି। ଚଳିତ ବର୍ଷ ଓଡ଼ିଶାରୁ ୪ ଜଣଙ୍କୁ ଏହି ପୁରସ୍କାର ମିଳିଛି। ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ରଙ୍କୁ ପଦ୍ମଶ୍ରୀ ମିଳିଥିବା ବେଳେ କଳାରେ ଅଦ୍ୱୈତ ଚରଣ ଗଡନାୟକଙ୍କୁ ପଦ୍ମଶ୍ରୀ, କଳାରେ ଦୁର୍ଗାଚରଣ ରଣବୀରଙ୍କୁ, ସାହିତ୍ୟ ଓ ଶିକ୍ଷାରେ ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ମିଳିଛି।






ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ୧୬୩୨-୧୯୪୪ ଟଙ୍କା ଧାର୍ଯ୍ୟ କରିଛି

ଆର୍ଥିକ ବର୍ଷ ୨୦୨୩-୨୪ରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଦ୍ରୁତ ଭାବେ ହ୍ରାସ ହୋଇଛି । ଏହା ପ୍ରଥମ ଥର ଲାଗି ୫%ରୁ ନିମ୍ନରେ ରହିଛି। ୨୦୨୨-୨୩ରେ ଏହା ୭.୩% ରହିଥିବା ବେଳେ ଗତ ଆର୍ଥିକ ବର୍ଷ ୪.୮%କୁ ଖସି ଆସିଥିବା ଏସ୍‌ବିଆଇ ରିସର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି । ୨୦୧୨ରେ ଏହି ହାର ୨୫.୭% ସ୍ତରରେ ଥିଲା । ସହରାଞ୍ଚଳରେ ଦାରିଦ୍ର୍ୟ ହାର ୪.୬% ରୁ ୪.୦୯%କୁ ଖସିଛି । ଆର୍ଥିକ ବର୍ଷ ୨୦୧୨- ୧୩ରେ ଏହା ୧୩.୭% ଥିଲା । ୨୦୧୨ ତୁଳନାରେ ଦାରିଦ୍ର୍ୟ ହାରରେ ବଡ ପରିବର୍ତ୍ତନ ଆସିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଗତ ୧୦ ବର୍ଷରେ ୨୩ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟ କବଳରୁ ବାହାରକୁ ଆସିଛନ୍ତି । ଆଗାମୀ ବର୍ଷଗୁଡିକରେ ସହରାଞ୍ଚଳ ଦାରିଦ୍ର୍ୟ ହାର ଆହୁରି ହ୍ରାସ ହୋଇପାରେ ।

୨୦୨୧ ଜନଗଣନା ସମ୍ପୂର୍ଣ୍ଣ ହେଲେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାରରେ କିଛିଟା ସଂଶୋଧନ ହେବ । ଗ୍ରାମାଞ୍ଚଳରେ ଚାହିଦା ଉନ୍ନତ ହେବାରୁ ଏହା ଲୋକଙ୍କ ଆର୍ଥିକ ସ୍ଥିତିରେ ମଧ୍ୟ ଭଲ ପ୍ରଭାବ ପକାଇଛି। ସଦ୍ୟତମ ପାରିବାରିକ ଚାହିଦା ସର୍ଭେ (ଏଚ୍‌ସିଇଏସ) ମୁତାବକ, ଭିତ୍ତିଭୂମି ଦୃଢ଼ୀକରଣ ହେବା ଯୋଗୁ ଏହା ଗ୍ରାମାଞ୍ଚଳରେ ଯାନବାହନ ଗ୍ରହଣୀୟତା ବଢ଼ାଇଛି । ଏହା ରୋଜଗାର କ୍ଷେତ୍ରରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ସହ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଆୟ ଅସମାନତା ହ୍ରାସ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାବାଦ କେନ୍ଦ୍ର ସରକାର ବିଭିନ୍ନ ଯୋଜନାର ଅର୍ଥ ବାଟମାରଣା ରୋକିବା ଲାଗି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର (ଡିବିଟି) ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଦେଉଛନ୍ତି । ଏହା ମଧ୍ୟ ଗ୍ରାମାଞ୍ଚଳର ସ୍ଥିତି ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସରକାର ଗ୍ରହଣ କରୁଥିବା ଡିବିଟି, ଗ୍ରାମୀଣ ଭିତ୍ତିଭୂମି ଦୃଢ଼ୀକରଣ, କୃଷି ଆୟ ବୃଦ୍ଧି ପଦକ୍ଷେପ ଭଳି ଅନ୍ୟ ପ୍ରମୁଖ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ପରିବାର ଗୁଡିକର ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ମୁଦ୍ରାସ୍ଫୀତି ଆଧାରରେ ୨୦୨୩-୨୪ ଲାଗି ଏସ୍‌ବିଆଇ ରିସର୍ଚ୍ଚ ଯଥାକ୍ରମେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦାରିଦ୍ର୍ୟ ସୀମା ରେଖା ଯଥାକ୍ରମେ ୧୬୩୨ ଟଙ୍କା ଏବଂ ୧୯୪୪ ଟଙ୍କା ଧାର୍ଯ୍ୟ କରିଛି । ୨୦୧୧-୧୨ ଲାଗି ସୁରେଶ ତେନ୍ଦୁଲକର କମିଟି ଏହାକୁ ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ରଖିଥିଲେ।

# ଗୁଣାତ୍ମକ ହେଉ ଆମ ଗଣତନ୍ତ୍ର



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
ajayakumarnanda@gmail.com
କିସ୍ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଦେଶକୁ ଇଂରେଜ କବଳରୁ ମୁକ୍ତ କରିବାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ପ୍ରଚେଷ୍ଟା ତତ୍ ସହିତ ଅଗଣିତ ଦେଶପ୍ରେମୀ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ, ଶେଷରେ ପରାଧୀନମୁକ୍ତ ଭାରତ ଗଠନ ସହ ଶିଖାଇଥିଲେ ସ୍ୱଚ୍ଛ ଶାସନ ସଂହିତା । ସେହି କାଳଜୟୀ ବରପୁତ୍ର ମାନଙ୍କର ଅଦମ୍ୟ ସାହସ, ଦେଶଭକ୍ତ ଓ ମହନୀୟତା ପାଇଁ ଆମେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ଜଣେ ସ୍ୱାଧୀନ ନାଗରିକ ଭାବେ ପରିଚିତ । ୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନତା ପାଇଲେ ମଧ୍ୟ ବିଦେଶୀ ଶାସନ ଖସଡାରୁ ସମ୍ପୂର୍ଣ୍ଣ ମୁକୁଳି ପାରିନଥିଲା । ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ ଶାସନ ଅବସାନ ପରେ, ସମସ୍ତ ଭାରତୀୟମାନଙ୍କ ମୁକ୍ତିର ଜୟଗୀତି ଥିଲା 'ଆମେ ଚଳାଇବୁ ଦେଶ ଆମରି, ଆମରି ନାଆରେ ଆମେ ନାଉରି' ଯାହା ପରବର୍ତ୍ତୀ ସମୟରେ ଶାସନ ସଂହିତା ପ୍ରସ୍ତୁତି ପାଇଁ ଅନେକ ଖୋରାକ ଯୋଗାଇଥିଲା । ସେହି ସମୟରେ ବିଶ୍ୱର ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ର ମାନଙ୍କର ନିଜସ୍ୱ ନୀତି ନିୟମ ଥିଲେ ମଧ୍ୟ ଭାରତରେ ଏହା ପ୍ରଣୟନ ହୋଇନଥିଲା। ଏହାର ଆବଶ୍ୟକତାକୁ ଉପଲବ୍ଧି କରି ମହାତ୍ମା ଗାନ୍ଧିଜୀଙ୍କ ପରାମର୍ଶରେ ପଣ୍ଡିତ ଜବାହାରଲାଲ ନେହେରୁ ସମେତ ଅନ୍ୟାନ୍ୟ ନେତୃବୃନ୍ଦ, ପରବର୍ତ୍ତୀ ସମୟ ଅର୍ଥାତ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ରେ ଦସ୍ତଖତ ସମ୍ବଳିତ ଏକ ଚିଠା ଭାରତ ସମ୍ବିଧାନ ସଭାଦ୍ୱାରା ଗୃହିତ ହୋଇଥିଲା । ଭାରତ ଭଳି ବୃହତ ଦେଶର ପ୍ରଶାସନ ସଂରଚନା, କାର୍ଯ୍ୟଶୈଳୀ, ନୀତିନିୟମ, ଅଧିକାର, କର୍ତ୍ତବ୍ୟକୁ ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ବାନ୍ଧି ରଖିବା ପାଇଁ ଯେଉଁ କେତେ ଶାସନ ଖସଡା ପ୍ରସ୍ତୁତ ହୋଇଥିଲା ତାହାକୁ ଆମେ "ସମ୍ବିଧାନ" ବୋଲି କହୁଛେ। ଭାରତୀୟ ସମ୍ବିଧାନର ପ୍ରଥମ ଅସ୍ଥାୟୀ ସଭାପତି ଥିଲେ ଡକ୍ଟର ସଚ୍ଚିଦାନନ୍ଦ ସିହ୍ନା ଓ ପରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ସାତଜଣିଆ ଡ୍ରାଫଟିଂ କମିଟି ପକ୍ଷରୁ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ରୂପେ ଅଳଙ୍କୃତ କରାଗଲା । ପରେ ପରେ ଭାରତ ପାର୍ଲିଆମେଣ୍ଟରେ ଏହି ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଗୃହୀତ କରି କାର୍ଯ୍ୟକାରୀ କରାଗଲା ଯାହାକୁ ଆମେ "ସାମ୍ବିଧାନିକ ଦିବସ" ରୂପେ ପାଳନ କରୁଛୁ । ଭାରତ ଭଳି ବୃହତ ରାଷ୍ଟ୍ରରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ସାମ୍ବିଧାନିକ ବିଧି, ବ୍ୟବସ୍ଥା ଯେ କେତେ ଜରୁରୀ ଏକଥାକୁ ବେଶ୍ ଉପଲବ୍ଧି କରିଥିଲେ ଆମ ସମ୍ବିଧାନ ପ୍ରଣେତା ଡକ୍ଟର ବାବା ସାହେବ ଆମ୍ବେଦକର । ସମ୍ବିଧାନର ମୂଳ ଲକ୍ଷ୍ୟ ହେଉଛି ଭାରତ ଭଳି ବୃହତ ଦେଶକୁ ଏକ ସାର୍ବଭୌମ, ସମାଜବାଦ, ଧର୍ମନିରପେକ୍ଷ ରାଷ୍ଟ୍ର ରୂପେ ଗଢିତୋଳିବା ସହିତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ଲୋକଙ୍କୁ ଶାସନ ବିକେନ୍ଦ୍ରୀକରଣ ଜରିଆରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବା । ଅପରପକ୍ଷେ ସମ୍ବିଧାନ ସଂଶୋଧନ ପରେ, ଉଲ୍ଲେଖ ଥିବା ମୋଟ ୪୪୮ ଧାରାର ସମସ୍ତ ସୁଫଳ ଭାରତୀୟଙ୍କ କଲ୍ୟାଣ ଲାଗି ଏକ ବିଧିବଦ୍ଧ ବ୍ୟବସ୍ଥା, ଯେଉଁଥିପାଇଁ ସମ୍ବିଧାନର ବୈଶିଷ୍ଟ୍ୟ ହେଉଛି "ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ" । ସବୁଠାରୁ ବଡ କଥା ହେଲା ଆମ ଦେଶର ଶାସନ ଭାର ଜନତାଜନାର୍ଦ୍ଦନଙ୍କ ହାତରେ ନ୍ୟସ୍ତ ଯାହାଦ୍ୱାରା ସେମାନେ ନିର୍ବାଚନ ମାଧ୍ୟମରେ ଲୋକପ୍ରତିନିଧି ଚୟନ କରି, ସାମ୍ବିଧାନିକ ମର୍ଯ୍ୟାଦାକୁ ସୁଦୃଢ଼ କରିବା ସହିତ ନିର୍ମଳ, ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ଶାସନ କରିବାରେ ପ୍ରତ୍ୟକ୍ଷ ଭାବରେ ସହଭାଗୀ ହୋଇଥାନ୍ତି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶ ଗୋଟିଏ ପିନ୍ କଣ୍ଟା ଉତ୍ପାଦନ କରିବାରେ ସକ୍ଷମ ନ ଥିଲା ସେଦେଶ ଏବେ ବିଶ୍ୱର ଏକ ଅଗ୍ରଣୀ ତଥା ବିକଶିତ ଦେଶ ରୂପେ ପ୍ରତିଷ୍ଠିତ ହେବା ସହିତ ଅନେକ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହୋଇପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କାରିଗରୀ, ବିଜ୍ଞାନ, ଅର୍ଥନୀତି ଓ ମହାକାଶ ବିଜ୍ଞାନରେ ସଂସ୍କାର ଆଣିବା ସହିତ ଅନେକ କୀର୍ତ୍ତିମାନ ରଚିବାର ସକ୍ଷମ ହୋଇଛି । ପରିତାପର ବିଷୟ ଏହିକି ଯେ, ଦେଶ ସ୍ୱାଧୀନତା ପାଇବାରେ ୭୫ ବର୍ଷ ବିତିଯାଇଥିଲେ ମଧ୍ୟ, ଦେଶର ୭୦ ପ୍ରତିଶତ ସମ୍ପତ୍ତି ଶିଳ୍ପପତି ଓ ଧନୀକ ଗୋଷ୍ଠୀଙ୍କ ହାତରେ ବନ୍ଧା ପଡିଛି ଓ ଏପରି ଅସମାନତାରେ ସୁଧାର ନ ଆସିଲେ ତାହା ଦେଶର ପ୍ରଗତି ପାଇଁ ଆଦୌ ଶୁଭଙ୍କର ହେବନାହିଁ । ବର୍ତ୍ତମାନ ଧନୀକ ବର୍ଗର ଲୋକମାନେ ସରକାରୀ ଯୋଜନାର ଢେର ଦୁରୁପଯୋଗ କରି ଅନେକ ସମ୍ପତ୍ତି ଓ ସୁବିଧା ହାତାଉ ଥିବାବେଳେ, ଗରିବ ମାନେ ରାଜନୈତିକ ଉଦ୍ଦେଶ୍ୟରେ ପ୍ରଣୟନ ହେଉଥିବା ବହୁସଂଖ୍ୟକ ମାଗଣା ଯୋଜନା ସାମିଲ ହୋଇ ଅନେକ ଫାଇଦା ପାଉଛନ୍ତି, ବିଚରା ମଧ୍ୟବିତ୍ତ ବର୍ଗ ଲୋକମାନେ ଆୟକର ସମେତ ବିଭିନ୍ନ ଉତ୍ସରୁ ଉପଲବ୍ଧ ଆୟରୁ ଟିକସ ଭରଣା କରି ଦେଶ ଅର୍ଥନୀତି ସୁଦୃଢ଼ କରିବାରେ ପ୍ରମୁଖ ଭାଗୀଦାର ଥିବାବେଳେ ସରକାରଙ୍କ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏବେ ଦେଖାଯାଉଛି ରାଜନୀତିରେ ବିଭିନ୍ନ ବର୍ଗର ମୁଷ୍ଟିମେୟ ଲୋକଙ୍କ ସମେତ ଅପରାଧ ପୃଷ୍ଠଭୂମିରେ ଲିପ୍ତ ଅନେକ ଅପରାଧୀ ଗୋଷ୍ଠୀ ନିଜକୁ ସୁରକ୍ଷିତ ରଖିବା ସହିତ ଆଇନ କାନୁନ୍ ଜାଲରୁ ମୁକ୍ତ ହେବା ପାଇଁ ରାଜନୀତିକୁ ଢ଼ାଲ କରୁଛନ୍ତି। ସେମାନେ ଅର୍ଥବଳ, ବାହୁବଳ ସହିତ ବିଭିନ୍ନ ପ୍ରକାର ଅସଦ୍ ପନ୍ଥା ଅବଲମ୍ବନ କରି ଅକ୍ଲେଶରେ ରାଜନୈତିକ ପୃଷ୍ଠଭୂମିରେ ନିଜକୁ ସାମିଲ କରି ରାତାରାତି ରାଜନେତା ବନିଯାଉଛନ୍ତି, ଯାହା ସଂଘୀୟ ବ୍ୟବସ୍ଥା ରେ ସଂସ୍କାର ଆଣିବାରେ ବିଶେଷ ପ୍ରତିବନ୍ଧକ ସୃଷ୍ଟି କରୁଛି । ଅପରପକ୍ଷେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଶାସନକୁ ନିଜ ସପକ୍ଷରେ ଆଣିବା କିମ୍ବା ଶାସନକୁ ଦୀର୍ଘ ସମୟ ଧରି ନିଜ ଆୟତ୍ତରେ ରଖିବାପାଇଁ, ବର୍ତ୍ତମାନ ମହିଳା ଭୋଟ ହାତେଇବା ର ବିଭିନ୍ନ ତରିକା ଅବଲମ୍ବନ କରିବା ସହ ନାନାଦି ପ୍ରକାରର ମାଗଣା ଯୋଜନାରେ ଜନସାଧାରଣ ଙ୍କୁ ପ୍ରଲୋଭିତ କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି । ଆମକୁ ମନେ ରଖିବାକୁ ହେବଯେ ମାଗଣା ଯୋଜନାରେ ମୋଟ ବ୍ୟୟଭାର, ଦରଦାମ୍ ବୃଦ୍ଧିର ଅନ୍ୟତମ କାରଣ ଯାହା ସମସ୍ତ ଜନସାଧାରଣଙ୍କ ଠାରୁ ବିଭିନ୍ନ ଉପାୟରେ ଭରଣା କରାଯାଏ। ସୁତରାଂ ମାଗଣା ଯୋଜନାର ଆଭିମୁଖ୍ୟ ପରିବର୍ତ୍ତନ ନ ଆସିଲେ, ଏହା ଲୋକଙ୍କୁ କର୍ମ କୋଢିଆ କରିବା ସହ ସ୍ଥାଣୁ କରିଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଦେଖାଯାଉଛି ନିର୍ବାଚିତ ପ୍ରତିନିଧି, ସଂସଦ ବା ବିଧାନସଭାରେ ବିନା କାରଣରେ ହୋହାଲ୍ଲା କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ପୂର୍ଣ୍ଣକାଳୀନ ଅଧିବେଶନକୁ ଚଳାଇ ନଦେବା ବର୍ତ୍ତମାନର ସାଂସଦ ଓ ବିଧାୟକଙ୍କ ଏକ ରୀତିମତ ଅଭ୍ୟାସ, ଯାହାଦ୍ୱାରା ସାମ୍ବିଧାନିକ ବ୍ୟବସ୍ଥା କ୍ଷୁର୍ଣ୍ଣ ହେବାରେ ଲାଗିଛି, ଏଥିରେ ସୁଧାର ଆଣିବା ନିହାତି ଅପରିହାର୍ଯ୍ୟ । ସମ୍ବିଧାନ ନିୟମ ଅନୁଯାୟୀ ଲୋକପ୍ରତିନିଧି ମାନେ ଦେଶ ବା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିବା ସହ ଆଇନ କାନୁନ୍ ପ୍ରଣୟନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ହେଉଛି ଆମ ସଂଘୀୟ ବ୍ୟବସ୍ଥାର ମୁଖ୍ୟ ପ୍ରସଙ୍ଗ ଯାହା ଅତ୍ୟନ୍ତ ପ୍ରଭାବଶାଳୀ ହେବା, ଆମ ସମ୍ବିଧାନ ପ୍ରତି ଶୁଭଙ୍କର ସାବ୍ୟସ୍ତ ହେବ । ଅପରପକ୍ଷେ ସାଂସଦ ବା ବିଧାୟକ ମାନେ ରାଜନୀତିରୁ ଉର୍ଦ୍ଧରେ ରହି ଲୋକଙ୍କ ପ୍ରକୃତ ସମସ୍ୟାକୁ ସଂସଦ ବା ବିଧାନସଭାରେ ଉପସ୍ଥାପନ କରି ପୁରୁଣା ନିୟମ ସଂଶୋଧନ ବା ନୂତନ ନିୟମ ପ୍ରଣୟନ କରିବାରେ ସହଯୋଗ କରି, ଲୋକାଭିମୁଖୀ ନିୟମ ପ୍ରସ୍ତୁତ କରିବା ହେବ ଗୁଣାତ୍ମକ ଅବଦାନ। ନିର୍ବାଚନରେ ପ୍ରାର୍ଥୀତ୍ୱ କାୟମ ରଖିବାପାଇଁ ଲୋକ ପ୍ରତିନିଧି ମାନଙ୍କ ପାଇଁ ଥିବା ବ୍ୟବସ୍ଥାରେ ପୁନଃ ସଂସ୍କାର ସହ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରାଗଲେ, ଏହା ଉପଯୁକ୍ତ ରାଜନେତା ଚୟନ ହେବା ସହ ସଂଘୀୟ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆସିପାରିବ। ଅନ୍ୟପଟେ ମଧ୍ୟବିତ୍ତବର୍ଗଙ୍କ ପରିବାର ପାଇଁ ସରକାର ଯତ୍ନବାନ ହୋଇ ଅତନ୍ତପକ୍ଷେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସାହାଯ୍ୟ ସୁବିଧା ଯୋଗାଇଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଗଣା ଯୋଜନା ଗୁଡିକରେ ରାଜନୈତିକ ଅଭିସନ୍ଧି ନ ରଖି ପ୍ରକୃତ ଉପଭୋକ୍ତା ଚୟନ କରାଗଲେ ଦେଶରେ ଉପୁଜୁଥିବା ଅର୍ଥନୈତିକ ଅସମତା ରେ ଅନେକ ସଂସ୍କାର ଆସିପାରିବ । ସୁତରାଂ ଆମମାନଙ୍କ ଦୁର୍ବଳ ମାନସିକତାର ପରିବର୍ତ୍ତନ ହିଁ ଆଣିପାରିବ ଗଣତନ୍ତ୍ରରେ ଗୁଣାତ୍ମକ ସହଭାଗିତା । ଜୟ ହିନ୍ଦ୍ ।

# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫



ଆମ ଦେଶ ଭାରତ, ତାର ସଭ୍ୟତା ଅତି ପ୍ରାଚୀନ। ଯାହାର ଉତ୍ତରରେ ହିମାଳୟ। ଦକ୍ଷିଣରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର । ଭାରତର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ, ସଭ୍ୟତା ଓ ସଂସ୍କୃତିରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତରକୁ ପଶି ଆସିଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ, ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା ।

ଭାରତକୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସା ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ। କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତକୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍, ପଲ୍ଲବ, ଇଉଚି, ହୁଣ, କୁଶାଣ, ଗୁର୍ଜ୍ଜର ଓ ତାତାର ମାନଙ୍କ ଦ୍ୱାରା, ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତକୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତକୁ ଭଲପାଇ ଭାରତରେ ରହିଗଲେ ।

ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାର, ଫରାସି ଓ ଇଂରେଜ ମାନେ, ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତ୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ, ଡାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ, ମାହେ ଓ ଚନ୍ଦନ ନଗର, ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ, ବମ୍ବେ ଓ କଲିକଟ୍ । ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତିରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ, ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରି କଲେ । ସେହି ଗାଆଁ ତିନୋଟିକୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ । ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିର୍ଜାଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିର୍ଜାଫର ବଙ୍ଗର ନବାବ ହେଲେ, ପରେ ଅଧିକ ଧନ ଲୋଭରେ ଇଂରେଜମାନେ ମିର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍କାଶିମ୍‌କୁ ବଙ୍ଗଳାର ନବାବ କଲେ । ମିର୍କାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିର୍କାଶିମ୍‌ଙ୍କୁ ଆକ୍ରମଣ କଲେ । ମିର୍କାଶିମ୍ ପଳେଇ ଯାଇଁ ଅଯୋଧ୍ୟାର ନବାବ ସୁଜାଉଦ୍ଦୌଲା ଓ ଦିଲ୍ଲୀ ସମ୍ରାଟ ଶାହା ଆଲମଙ୍କ ସାହାଯ୍ୟ ଲୋଡ଼ିଲେ । ତିନି ଶକ୍ତି ମାନଙ୍କ ବକ୍ସାର ଠାରେ ଇଂରେଜ ମାନଙ୍କ ଦ୍ୱାରା ପରାସ୍ତ ହେଲେ ଓ ମିର୍କାଶିମ୍ ନିହତ ହେଲେ ବଙ୍ଗଳା ଇଂରେଜ ମାନଙ୍କ ହାତକୁ ଗଲା । ସୁଜାଉଦ୍ଦୌଲା ଓ ଶାହା ଆଲମ ଇଂରେଜ ମାନଙ୍କ ଶରଣ ପଶିଲେ । ତେଣୁ ଅଯୋଧ୍ୟା ଓ ଦିଲ୍ଲୀରେ ଇଂରେଜ ମାନଙ୍କ କ୍ଷମତା ବୃଦ୍ଧି ପାଇଲା । ମହୀଶୁରର ନବାବ୍ ହାଇଦର ଅଲ୍ଲି ଓ ତାଙ୍କ ପୁଅ ଟିପୁ ସୁଲତାନ ଇଂରେଜ ମାନଙ୍କ ସହିତ ଯୁଦ୍ଧ ଚଳାଇଲେ । ଶେଷରେ ଟିପୁ ନିହତ ହେଲେ । ମହୀଶୂର ଇଂରେଜ ମାନଙ୍କ ହାତକୁ ଗଲା ।

ଇଂରେଜ ମାନେ ଗୋଟି ଚାଳନା କରି ଭାରତ ବର୍ଷର ଗୋଟିଏ ପରେ ଗୋଟିଏ ରାଜ୍ୟ ଅଧିକାର କରି ନେଲେ । ୧୮୦୩ ମସିହାରେ ଇଂରେଜ ମାନେ ଓଡ଼ିଶା ଅଧିକାର କରି ନେଲେ । ୧୮୧୭ ମସିହାରେ ଆରମ୍ଭ ହେଲା ପାଇକ ବିଦ୍ରୋହ । ପାଇକ ମାନଙ୍କର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନକୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହକୁ ଦମନ କରିଦେଲେ ।

ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ, ରାଜା କନ୍‌ୱାର ସିଂହ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ରାଣୀ ଲକ୍ଷ୍ମୀବାଈ, ମରହଟ୍ଟା ବୀର ରାଓ ସାହେବ, ତାନ୍ତିଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ ।

ଏହି ସମୟରେ ଏନ୍‌ଫିଲଡ଼୍ ବନ୍ଧୁକର ଟୋଟାକୁ ଦାନ୍ତରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ, ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସରକୁ ଗୁଳି କରି ମାରିଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ । ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରୋହର ସୂତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ ।

ରାଣୀ ଲକ୍ଷ୍ମୀବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧରେ ଟଳି ପଡ଼ିଲେ । ତାନ୍ତିଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟକ୍ତି ବିଶ୍ୱାସଘାତକତା କରି ତାନ୍ତିଆଟୋପିଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତାନ୍ତିଆ ଟୋପିଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ । ସିପାହୀ ବିଦ୍ରୋହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରି ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି, ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରିଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣକୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଆପତ୍ତି ଓ ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରି କଲେ। ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ ,ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା। ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶାକୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ , ଆସାମକୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା । ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା 'ବନ୍ଦେ ମାତରମ' ସଂଗୀତଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ 'ବନ୍ଦେ ମାତରମ' ନାରାବାଜି ଆରମ୍ଭ ହୋଇଗଲା । 'ବନ୍ଦେ ମାତରମ' ଆନ୍ଦୋଳନର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବାଳକ ଖୁଦିରାମଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍''ର ପ୍ରଭାବ 'ବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟେ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍‌କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶାକୁ ଗୋଟିଏ ପ୍ରଦେଶ । ଆସାମକୁ ଗୋଟିଏ ପ୍ରଦେଶ ଓ ବଙ୍ଗଳାକୁ ଗୋଟିଏ ପ୍ରଦେଶ କରାଗଲା । କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥୀ ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥୀ ନେତା ଥିଲେ ବାଳ ଗଙ୍ଗାଧର ତିଳକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖ୍‌ଲେ ଓ ଦାଦା ଭାଇ ନୌରୋଜୀ ।

ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟରଲାଣ୍ଡ ରମଣି ଆନି ବେସାନ୍ତ 'ହୋମ୍ ରୁଲ' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାନ୍ତଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥିବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାରଙ୍କ ଅତ୍ୟାଚାରରୁ ରକ୍ଷା କରିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାଯ୍ୟ ଦେଇଥିଲେ । ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶାକୁ ଚୁରମାର କରି ଦେଲେ ଇଂରେଜ ସରକାର । ତାପରେ 'ରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପଞ୍ଜାବର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାରରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟରେ ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍‌ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ , ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ, ଜାତୀୟ କଂଗ୍ରେସର ଜହାରଲାଲ ନେହେରୁ, ସୁଭାଷ ଚନ୍ଦ୍ର ବୋଷ, ବଲ୍ଲଭଭାଇ ପଟେଲ, ଗୋବିନ୍ଦ ବଲ୍ଲଭ ପନ୍ଥ, ରାଜେନ୍ଦ୍ର ପ୍ରସାଦ, ରାଜ ଗୋପାଳ ଚାରୀ, ମୌଲାନା ଆବୁଲ୍‌କାଲମ୍, ଅବଦୁଲ ଗଫର ଖାଁ, ଲାଲା ଲାଜପତ ରାୟ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନକାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନୀତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦାମ ସିଂହ ଫାଶୀ ପାଇଗଲେ । ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା । 'ସାଇମନ୍ ଫେରିଯାଅ' । କିନ୍ତୁ ସାଇମନ୍ ବ୍ରିଟିଶ ସରକାରଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧିଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା। ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍‌ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା। ଭାରତର ଏଗାରଟି ପ୍ରଦେଶରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁଭାଷ ବୋଷ କଂଗ୍ରେସ ଛାଡି 'ଫରୱାର୍ଡ଼ ବ୍ଲକ୍' ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସକୁ ନ ପଚାରି ବଡ଼ଲାଟ୍ ଭାରତକୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ। ୧୯୪୧ ମସିହାରେ ସୁଭାଷ ବୋଷ ଭାରତରୁ ଜର୍ମାନୀକୁ ପଳାଇ ଯାଇ ''ଆଜଦ୍ ହାନ୍ଦ ଫଉଜ'' ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁଭାଷ ବୋଷ ଜାପାନ୍ ସାହାଯ୍ୟରେ ପୂର୍ବପଟୁ ଭାରତକୁ ଅଭିଯାନ ଆରମ୍ଭ କଲେ। 'ଆଜଦ୍ ହାନ୍ଦ ଫଉଜ' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୁର୍ବଳ ହୋଇ ପଡ଼ିଥିଲା। ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା। ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧୀନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମାରପିଟ ଆରମ୍ଭ ହେଲା। ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ତାନ ଦୁଇ ଭାଗ କରି ଦୁଇଟି ଦେଶକୁ ସ୍ୱାଧିନତା ଦେଲେ । ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା ।

ଗୋପବନ୍ଧୁଙ୍କ ଭାଷାରେ-

**' ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧିନ
ବିହାର
ସ୍ୱାଧିନ ଜୀବନ ପୁଣି ସ୍ୱାଧିନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ
ସଂସ୍ଥିତି ।**

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଜାନୁଆରୀ ୨୦୨୫ ରବିବାର





# ବିଏମ୍‌ସିରେ ସିସି କ୍ୟାମେରାର କାର୍ଯ୍ୟକାରିତା ଓ ପରିଚାଳନା ପାଇଁ ବର୍ଷକୁ ଖର୍ଚ୍ଚ ସାଢ଼େ ଦୁଇ କୋଟି, ଫଳ ଶୂନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଦିଗରେ ବ୍ରହ୍ମପୁର ମହାନଗର ନିଗମ ପାଣି ଭଳି ଅର୍ଥ ଖର୍ଚ୍ଚ କରୁଛି । ସମନ୍ୱିତ ଟ୍ରାଫିକ୍ ପରିଚାଳନା ଠାରୁ ଆରମ୍ଭ କରି ୱାଇଫାଇ ସେବା, ଇଣ୍ଟରନେଟ୍ ବ୍ୟବସ୍ଥା, ଇ-ଲାଇବ୍ରେରୀ, ସିସି କ୍ୟାମେରା, ଇ-ସେବା ଆଦି କ୍ଷେତ୍ରରେ ଅର୍ଥ ଖର୍ଚ୍ଚ ହେଉଛି ସତ କିନ୍ତୁ ସାଧାରଣ ଜନତା ଏଥିରେ ଯେଉଁ ସୁବିଧା ପାଇବା କଥା ତାହା ପାଇପାରୁନାହାନ୍ତି । ଏଥିନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ପ୍ରକାଶଥାଉକି, ୨୦୧୮ ଜୁଲାଇ ୧୩ ତାରିଖରେ ବିଏମ୍‌ସି, ପୋଲିସ ପ୍ରଶାସନ ଓ ଉପଖଣ୍ଡ ପ୍ରଶାସନର ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ସହରର ପ୍ରମୁଖ ୫ଟି ଟ୍ରାଫିକ୍ ଛକରେ ସୋଲାର ଦ୍ୱାରା ସମନ୍ୱିତ ଟ୍ରାଫିକ୍ ସିଗ୍‌ନାଲ୍ ପରିଚାଳନା ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା । ଟ୍ରାଫିକ୍ ନିୟନ୍ତ୍ରଣ ସାଙ୍ଗକୁ ଅସାମାଜିକ କାର୍ଯ୍ୟକୁ ରୋକିବା ଦିଗରେ ବିଏମ୍‌ସି ବିଗ୍‌ବସ୍‌ର ଭୂମିକା ନେବ ବୋଲି ତତ୍‌କାଳୀନ କମିଶନର କହିଥିଲେ । ପ୍ରଥମ ପର୍ଯ୍ୟାୟରେ ଟାଟାବେଞ୍ଜ ଛକ, ଏମ୍‌କେସିଜି ବଡ଼ ଡ଼ାକ୍ତରଖାନା ଛକ, ନୂଆ ବସ୍‌ଷ୍ଟାଣ୍ଡ, ଗେଟ୍ ବଜାର ଓ କମାପଲ୍ଲୀ ଛକରେ ଲଗାଇବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ସହରର ଅତିରିକ୍ତ ୧୦୦ଟି ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିଲା । ତିନିକୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ କାନାଡ଼ା ବୈଷୟିକ ଜ୍ଞାନ କୌଶଳକୁ ଅବଲମ୍ବନ କରି ସମନ୍ୱିତ ଟ୍ରାଫିକ୍ ପରିଚାଳନା ସିଷ୍ଟମ୍‌କୁ କାର୍ଯ୍ୟକାରୀ କରାଯାଇଥିଲା । ଆଇଟିଏମ୍‌ଏସ୍ ସହ ଏକ କୋଟି ଟଙ୍କା ବ୍ୟୟରେ ସିଟି ସର୍ଭିଲେନ୍ସର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଏହାଛଡ଼ା ଅଧିକା ୧୦୦ଟି ସିସି କ୍ୟାମେରା ନେଇ ପରବର୍ତ୍ତୀ ସମୟରେ ୨ କୋଟି ଟଙ୍କା ବ୍ୟୟ ହୋଇଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି । ତୃତୀୟ ପର୍ଯ୍ୟାୟରେ ୨୦୨୩ ଆର୍ଥିକ ବଜେଟ୍‌ରେ ପୁଣି ସହରରେ ୮୦ଟି ସିସି କ୍ୟାମେରା ସ୍ଥାପନ ନେଇ ଏକ କୋଟି ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କେବଳ ସେତିକି ନୁହେଁ, ଏ ସମସ୍ତ କାର୍ଯ୍ୟର ତଦାରଖ ଓ ପରିଚାଳନା ନେଇ ବାର୍ଷିକ ସାଢ଼େ ୬୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବଜେଟ୍‌ରେ ଉଲ୍ଲେଖ କରାଯାଇଥିଲା । ସହରରେ ପ୍ରାୟ ୨୦୦ଟି ସିସି କ୍ୟାମେରା ସ୍ଥାପନ ହୋଇଥିବା ବେଳେ ଏଥିପାଇଁ ପ୍ରାୟ ୮ କୋଟି ବ୍ୟୟବରାଦ ହୋଇଥିବା ବିଏମ୍‌ସି ସୂତ୍ରରୁ ଜଣାପଡୁଛି । ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ଏଥିରୁ ଯେଉଁଳି ସଫଳତା ମିଳିବା କଥା ତାହା ହେଉନଥିବା ଯୋଗୁଁ ବିଏମ୍‌ସି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ବିଏମ୍‌ସି ପକ୍ଷରୁ ଲାଗିଥିବା ସିଟି ୱାଇଫାଇର ପରିଚାଳନା ପାଇଁ ସାଢ଼େ ୫୧ ଲକ୍ଷ, ସ୍ଥାନୀୟ ଆଞ୍ଚଳିକ ନେଟ୍‌ୱାର୍କ ପରିଚାଳନା, ଏଏମ୍‌ସି, ଜେରକ୍ସ ମେସିନ୍ ପରିଚାଳନା ଓ ଆନୁସଙ୍ଗିକ ସାମଗ୍ରୀ ପାଇଁ ସାଢ଼େ ୨ ଲକ୍ଷ, ଯାନବାହାନ ଟ୍ରାକିଂ ପାଇଁ ୬ ଲକ୍ଷ, ସିଟି ସର୍ଭିଲେନ୍ସର ପରିଚାଳନା ପାଇଁ ୩୩ ଲକ୍ଷ ୪୧ ହଜାର, ଆହାର କେନ୍ଦ୍ରର ଥାଳି ବାବଦକୁ ଏକ ଲକ୍ଷ, ଆହାର କେନ୍ଦ୍ର, ବସ୍ତ୍ର ଉପହାର, ଆଚାର ହବ୍, ଯାନବାହାନ ପାର୍କିଂସ୍ଥଳୀ ଅଞ୍ଚଳରେ ସିସି କ୍ୟାମେରା ପରିଚାଳନା ପାଇଁ ସାଢ଼େ ୪ ଲକ୍ଷ, ପୋର୍ଟାଲ୍ ଇ-ସେବା ବାବଦରେ ୬ ଲକ୍ଷ, ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟର ଇଣ୍ଟରନେଟ୍ ବାବଦରେ ପ୍ରାୟ ୪ ଲକ୍ଷ, ଇ-ଲାଇବ୍ରେରୀର ଇଣ୍ଟରନେଟ୍ ପାଇଁ ୪୮ ହଜାର, ରାମଲିଙ୍ଗେଶ୍ୱର ପାର୍କର ସିସି କ୍ୟାମେରା ପରିଚାଳନା ପାଇଁ ୨ ଲକ୍ଷ ୧୦ ହଜାର, କମ୍ପ୍ୟୁଟର ପ୍ରିଣ୍ଟର ସାଙ୍ଗକୁ ଆଇଟି ସାମଗ୍ରୀ ବାବଦକୁ ୧୦ ଲକ୍ଷ, ୱାର୍ଡ଼ ଅଫିସର ଆଇଟି ସରଞ୍ଜାମ ପାଇଁ ୪୬ ଲକ୍ଷ ୨୦ ହଜାର ଏବଂ ବିଏମ୍‌ସିର ସଫ୍ଟୱେର ଡ଼େଭଲପମେଣ୍ଟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦ ଲକ୍ଷ ବ୍ୟୟ କରାଯିବ ବୋଲି ବଜେଟ୍‌ରେ ରହିଛି । ଏ ସମସ୍ତ ବିଏମ୍‌ସିର ଆଇଟି ସେକ୍ସନ୍ ଅଧିନରେ ଥିବାବେଳେ ବର୍ଷକୁ ୨ କୋଟି ୫୫ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ କରୁଥିବା ଜଣାପଡ଼ିଛି । ବର୍ଷକୁ ବର୍ଷ ବ୍ୟୟବରାଦ ବୃଦ୍ଧି ପାଉଥିବା ସତ୍ତ୍ୱେ ବିଏମ୍‌ସିକୁ ଯେଉଁଳି ସଫଳତା ମିଳିବା କଥା ତାହା ମିଳିପାରୁନାହିଁ । ୱାଇଫାଇ ଠିକ୍ ଭାବେ କାର୍ଯ୍ୟ କରୁନଥିବା ବେଳେ ଯାନବାହାନ ଟ୍ରାକିଂ ବ୍ୟବସ୍ଥା ନାହିଁ । ସହରର ସମସ୍ତ ରୂପାନ୍ତରୀକରଣ ବିଦ୍ୟାଳୟରେ ଆଜି ସୁଦ୍ଧା ଇଣ୍ଟରନେଟ୍‌ର ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି । ଏହାଛଡ଼ା ବିଏମ୍‌ସିରେ ହାତଗଣତି କିଛି ୱାର୍ଡ଼ ଅଫିସ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ୱାର୍ଡ଼ ଅଫିସ୍ ହୋଇପାରିନାହିଁ । ଇ-ପୋର୍ଟାଲ୍ ସେବା ଠିକ୍ ଭାବେ କାମ କରୁନାହିଁ । ସିଟି ସର୍ଭିଲେନ୍ସ ବିଏମ୍‌ସି କାର୍ଯ୍ୟାଳୟ ଭିତରେ ସୀମିତ ରହିଛି । ଏଭଳି ଅନେକ ସମସ୍ୟା ନେଇ ଆଇଟି ସେକ୍ସନ୍‌ଟି ଗତି କରୁଥିବା ବେଳେ ବିଏମ୍‌ସି କିନ୍ତୁ ବର୍ଷକୁ କୋଟି କୋଟି ଟଙ୍କା ବ୍ୟୟ କରିଚାଲିଛି । ପ୍ରକାଶଥାଉକି, ଏହି ସେକ୍ସନର କାର୍ଯ୍ୟକାରିତାକୁ ନେଇ କାଉନ୍‌ସିଲ୍ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ପରେ ଏହାର ତଦନ୍ତ ନେଇ ଏକ କମିଟି ଗଠନ ହୋଇଥିଲା । ତେବେ କମିଟିର ତଦନ୍ତ କେତେଦୂର ଗଲା ତାହା ସ୍ପଷ୍ଟ ହୋଇପାରିନାହିଁ । ସମ୍ପ୍ରତି ବିଏମ୍‌ସିର ଜନପ୍ରତିନିଧିମାନେ ନିଜ ନିଜ ମଧ୍ୟରେ ବିବାଦ ମଧ୍ୟରେ ରହୁଥିବା ବେଳେ ସହରର ବିକାଶ ଏବଂ ରାଜସ୍ୱ ଆଦାୟ ଓ ବ୍ୟୟକୁ ଗୁରୁତ୍ୱ ଦେଉନଥିବା ଯୋଗୁଁ କିଛି କର୍ମଚାରୀଙ୍କୁ ଏହା ସୁହାଉଛି । ନୂଆ ସରକାର ଆସିବା ପରେ ଆଜି ପର୍ଯ୍ୟନ୍ତ ବିଭାଗୀୟ ମନ୍ତ୍ରୀ ବିଏମ୍‌ସିର ସମୀକ୍ଷା କରିନଥିବା ବେଳେ ସ୍ଥାନୀୟ ବିଧାୟକ ମଧ୍ୟ ଯେଉଁଳି ଗୁରୁତ୍ୱ ଦେବା କଥା ତାହା ହେଉନଥିବା ଯୋଗୁଁ ଏହାର ସୁଯୋଗ କିଛି କର୍ମଚାରୀ ଓ ଅଧିକାରୀ ଉଠାଉଥିବା ଆଲୋଚନା ହେଉଛି ।

## ମଦ୍ରାସା ଛାତ୍ରଛାତ୍ରୀଙ୍କ ଖୋଲାହେବ ଆପାର ଆଇଡି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ମଦ୍ରାସାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ଆପାର ଆଇଡି ଖୋଲାଯିବ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଲାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାପଡ଼ା ହାଇସ୍କୁଲ୍ ଛକ ନିକଟରେ ଥିବା ମଦ୍ରସା ଆରବିୟା ତାଲିମୁଲ ଇସଲାମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ଥିବା ୧୬ଟି ମଦ୍ରାସାରେ ପାଠ ପଢୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ନାମଲେଖା ଠାରୁ ସମସ୍ତ ବିବରଣୀ ଏହି ଆଇଡିରେ ଗଚ୍ଛିତ ରହିବ । ଏହା ସହ ସମସ୍ତ ପରିଚୟ ଓ ତଥ୍ୟ ଏହି ଆପାର ଆଇଡିରେ ସ୍ଥାନିତ କରାଯିବ । ଏନେଇ ହେଡ ମୌଲବୀ ମାନଙ୍କ ସହ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଦଲାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଏହା ସହ ମଦ୍ରାସାର ଏହି ପାଠଦାନ ପଦ୍ଧତି, ପାଠ୍ୟକ୍ରମ ଓ ଆନ୍ୟାନ୍ୟ ବିଷୟରେ ମତ ବିନିମୟ କରାଯାଇଥିଲା । କାର୍ଯ୍ୟକ୍ରମରେ ଏବିଇଓ ହିରଣ୍ୟ କୁମାର ବାରିକ, ମହମ୍ମଦ ଫାରୁକ, ମହମ୍ମଦ ଜାହାଙ୍ଗିର ପ୍ରମୁଖ ଉପସ୍ଥିତ ଥିଲେ ।

## ଜଗତସିଂହପୁର ଜିଲ୍ଲା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘର ସାଧାରଣ ପରିଷଦ ବୈଠକ:ଅବସରଙ୍କୁ ସମ୍ବର୍ଦ୍ଧନା ଓ ନବାଗତ ପିଓଙ୍କୁ ସ୍ୱାଗତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂଘର ସାଧାରଣ ପରିଷଦ ବୈଠକ, ଅବସରଙ୍କୁ ସମ୍ବର୍ଦ୍ଧନା ଓ ନବାଗତ ପିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଜଗତସିଂହପୁର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ନବ ନିଯୁକ୍ତ ପି.ଇ.ଓ ଭାଇ ଓ ଭଉଣୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହା ସହିତ ଜଗତସିଂହପୁର ଜିଲ୍ଲାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ମାନଙ୍କ ମଧ୍ୟରେ ନୂତନ କର୍ମକର୍ତ୍ତା ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ହୃଷିକେଶ ରାଉତରାୟଙ୍କୁ ସଭାପତି, ତୋଫାନ ଦାସଙ୍କୁ ଉପସଭାପତି, ସର୍ବେଶ୍ୱର ଦାସଙ୍କୁ ସାଧାରଣ ସମ୍ପାଦକ, ଅରୁଣ ପ୍ରଧାନଙ୍କୁ ସହ ସମ୍ପାଦକ, ସମୀର କୁମାର ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ କମିଟିର ସଭ୍ୟଭାବେ ମୋହନ ଚରଣ ଜେନା, ସସ୍ମିତ ଶତ୍ରୁଜିତ ଦାଶ, ନଗେନ୍ଦ୍ର କୁମାର ସାହୁ, ରୋଜାଲିନ୍ ଦାସଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱଜିତ ମହାପାତ୍ର, ପ୍ରଦ୍ୟୁମ୍ନ ଖୁଣ୍ଟିଆ, ବିଜୟ ପାତ୍ର, ସଚୀନ କୁମାର ରାଉତ, ଶରତ ପରିଡା, ପବିତ୍ର କୁମାର ସ୍ୱାଇଁ, ଫକିର ମୋହନ ସାହୁ, ପ୍ରଜ୍ଞା ପାରମିତ ନନ୍ଦ, ତନୁଶ୍ରୀ ରାଉତ, ତନୁଶ୍ରୀ ସତପଥି, ସନ୍ତୋଷ ବେହେରା, ଭୀମସେନ ମୁର୍ମୁ, ଉମାଶଙ୍କର ମଲ୍ଲିକ, ଗୌତମ ପରିଜା ପ୍ରମୁଖ ଜିଲ୍ଲାର ସମସ୍ତ ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଯୋଗ ଦେଇଥିଲେ ।

## ମୁକୁନ୍ଦିଲାଲ ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ସ୍ଥିତ ମୁକୁନ୍ଦିଲାଲ ଅଗ୍ରୱାଲ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଦାନ କରାଯାଉଛି । ଏଥିରେ ପ୍ରାୟ ୨୫୦ରୁ ଅଧିକ ଛାତ୍ରୀ ସାମିଲ୍ ହୋଇ ଏହି ତାଲିମ୍ ନେଉଛନ୍ତି । ପ୍ରାୟ ୮ ଦିନ ଧରି ତାଲିମ୍ ଦେବା ସହ ଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଶକ୍ତ ଓ ପ୍ରତିକୂଳ ପରିସ୍ଥିତିରେ ନିଜେ ଆତ୍ମ ସୁରକ୍ଷା କରିବାରେ ସହାୟକ ହେବ ବୋଲି ସୁରକ୍ଷା ତାଲିମ୍ କୋଚ୍ ଡାକପ୍ରିୟା ନାଗ, ଗୌରୀ ମାଝୀ ଓ ତନୁଶ୍ରୀ ମହାପାତ୍ର କହିଛନ୍ତି । ଏହି ଅବସରରେ କଲେଜ ଅଧ୍ୟକ୍ଷା ରଞ୍ଜିତା ଗୁରୁ, ଭାସ୍କର ମେହେର ଓ ଦେବେନ୍ଦ୍ର କୁମାର ପଣ୍ଡା ସହ ଆଉ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟ ପରିଚାଳନା କରୁଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ପୂର୍ବ ଛାତ୍ର ବୈଠକ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜେଲ୍ ରୋଡ୍‌ସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ନେତାଜୀ ସୁବାଷ ବୋଷ ଜୟନ୍ତୀ ଅବସରରେ ବିଦ୍ୟାଳୟ ସ୍ତରୀୟ ପୂର୍ବ ଛାତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ମିଳନୀକୁ ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ, ପର୍ଯ୍ୟାୟ ପ୍ରମୁଖ ଲମ୍ବୋଦର ମହାନ୍ତ, ଦୟାନିଧି ମହାନ୍ତ, ବରିଷ୍ଠ ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ସାମନ୍ତ ଉପସ୍ଥିତ ଥିଲେ । ସଂପାଦକ ଶ୍ରୀ ପଣ୍ଡା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ବିଦ୍ୟାଳୟ ପ୍ରତି ଭଲ ପାଇବା ଅତୁଟ ରଖିବା ପାଇଁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରଧାନାଚାର୍ଯ୍ୟ ସମ୍ମିଳନୀର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଲମ୍ବୋଦର ମହାନ୍ତ ଭବିଷ୍ୟତରେ ଛାତ୍ରମାନଙ୍କର ସମାଜ ଓ ଦେଶ ଗଠନରେ ଭୂମିକା, ସଂସ୍କୃତିର ପରିରକ୍ଷଣ ନିମନ୍ତେ କର୍ତ୍ତବ୍ୟ ସମ୍ବନ୍ଧରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଚନ୍ଦ୍ରକାନ୍ତ ସାମନ୍ତ ଛାତ୍ରମାନଙ୍କର ଦାୟିତ୍ୱବୋଧ ବିଷୟରେ କହିଥିଲେ । ଛାତ୍ରଛାତ୍ରୀମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବଛାତ୍ର ପରିଷଦ ଗଠନ କରାଯାଇଥିଲା । ଏଥିରେ ସଂଯୋଜକ ଭାବରେ ସନ୍ତୋଷ କୁମାର ମହାପାତ୍ର, ସହ-ସଂଯୋଜକ ଭାବରେ ପ୍ରିୟବ୍ରତ ଜେନା, ଅମ୍ବିକା ପ୍ରସାଦ ବାରିକ୍ ମନୋନୀତ ହୋଇଥିଲେ । ଏତତ୍ ବ୍ୟତିତ ପ୍ରତ୍ୟେକ ବ୍ୟାଚ୍‌ର ଜଣେ ଜଣେ ଛାତ୍ରଙ୍କୁ ସଦସ୍ୟ ଭାବରେ ଗ୍ରହଣ କରାଯାଇଥିଲା ଓ ଆଗାମୀ ଦିନରେ ପୂର୍ବଛାତ୍ର ପରିଷଦର ପଞ୍ଜିକରଣକୁ ବ୍ୟାପକ କରାଯିବ ବୋଲି ପ୍ରସ୍ତାବରେ ଗୃହିତ ହୋଇଥିଲା । ଦୟାନିଧି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ ଦେବାଶିଷ ସାମଲ, ଆଚାର୍ଯ୍ୟ ଗୋପାଳ ପାଣିଗ୍ରାହୀ, ସତ୍ୟପ୍ରିୟ ମହାନ୍ତି, ପ୍ରଫୁଲ ଦାସ, ପ୍ରତାପ ସେଠୀ, ଗୁରୁମା ସ୍ନେହଲତା ସାହୁ ଓ ସସ୍ମିତା ଦୋରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସାଇକେଲ ରାଲି

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସଡ଼କ ସୁରକ୍ଷା ଜୀବନ ରକ୍ଷା ସ୍ଲୋଗାନ୍ ଦେଇ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିରେ ବିଭିନ୍ନ ସାମ୍ବାଦିକ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀ ଏବଂ କର୍ମଚାରୀ ସହର ପରିକ୍ରମା କରି ଟ୍ରାଫିକ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ ସବୁଜ ପତାକା ପ୍ରଦର୍ଶନ କରି ଏହି ରାଲିର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ଅନ୍ୟମାନେ ସାମିଲ୍ ଥିଲେ । ଏଥିସହିତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ କେନ୍ଦୁଝରର ଷ୍ଟାଡିୟମ୍ ଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବ୍ୟବହିତ ପୂର୍ବରୁ ହେଉଥିବା ଅଭ୍ୟାସ ପ୍ୟାରେଡ୍‌ରେ ସମ୍ମିଳିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ସମ୍ବନ୍ଧରେ ସୂଚନା ଦେବା ସହ ଏହାର ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ ।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଓ ଯୁବ ସାମ୍ବାଦିକ ତଥା ଯୁବ ସମାଜସେବୀ ସୁବାଷ ଚରଣ ପଣ୍ଡାଙ୍କ ୪୫ ତମ ଜନ୍ମ ଦିନ ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଶ୍ରୀ ହନୁମାନ ମନ୍ଦିର କଲ୍ୟାଣ ମଣ୍ଡପ ମଝିପଡ଼ା ଠାରେ ଅନୁଷ୍ଠିତ ଏହି ଶିବିରକୁ ସୁବର୍ଣ୍ଣପୁରର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏଡିଏମ୍‌ଓ ଡ଼ା ଦୁର୍ଗା ଦତ୍ତ ଦାଶ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବୟୋଜ୍ୟେଷ୍ଠ ମହିଳା ତଥା ସୁଭାଷ ଚରଣ ପଣ୍ଡାଙ୍କ ମାତା ମୋହିନୀ ପଣ୍ଡା, ପ୍ରାକ୍ତନ ଉପନଗରପାଳ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇଥିଲେ ଏବଂ ଏଭଳି ଏକ ମହାନ୍ ଦିବସରେ ମହତ ଚିନ୍ତନ ଓ ଶ୍ରୀ ପଣ୍ଡାଙ୍କ ୪୫ ତମ ଜନ୍ମ ଦିନ ଉପଲକ୍ଷେ ରକ୍ତଦାନ ଶିବିର ଅୟୋଜନ ସହ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରିବା ଦୃଢ଼ ସଂକଳ୍ପକୁ ଖୁବ୍ ପ୍ରଶଂସା କରିଥିଲେ । ଯାହାକି ଧାର୍ଯ୍ୟ ସମୟ ଦିବା ୨ ଘଣ୍ଟା ଭିତରେ ଠିକ୍ ୪୫ ୟୁନିଟ୍ ରକ୍ତ ସଂଗ୍ରହର ଟାର୍ଗେଟ୍ ପୂରଣ ହୋଇଥିଲା । ଡ଼ା .ଚିତ୍ତ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ କେନ୍ଦ୍ର ଜଗତ ନାରାୟଣ ଦରାନ, ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏକ, ସୁଶାନ୍ତ ନାଏକ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ସଭାକୁ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ରକ୍ତଦାତା ସଂଘ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ସାହୁ, ରବୀନ୍ଦ୍ର ଜେନା, ସାମ୍ବାଦିକ ସୁବାଷ ପଣ୍ଡା, ରାଜ କିଶୋର ତ୍ରିପାଠୀ, ବିଶ୍ୱ ରାଣୀ ପଣ୍ଡା, ସଞ୍ଜୟ ବଡ଼ ପଣ୍ଡା , ରିତିକା ଓ ରୁଦ୍ର ନାରାୟଣ ପଣ୍ଡା ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଜିଲ୍ଲା ରକ୍ତଦାତା ସଂଘ ସଭାପତି ମନୋଜ ପଣ୍ଡା ନୂତନ ଯୁବ ପୀଢ଼ିଙ୍କୁ ରକ୍ତଦାନ ପାଇଁ ପ୍ରେରଣା ପ୍ରଦାନ କରି ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ତଦାନ, ସ୍ୱଚ୍ଛତା, ପରିବେଶ ଓ ଯୋଗ କ୍ଷେତ୍ରରେ ଜିଲ୍ଲାର ଗୌରବ ବଢ଼ାଇଥିବା ମନୋଜ ପଣ୍ଡାଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

## 'ଆଧୁନିକ ଜୀବନ ଶୈଳୀରେ ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ଭୂମିକା' ଶୀର୍ଷକ ଆଲୋଚନା ଚକ୍ର

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ପୁରାତନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ମନୁଷ୍ୟ ବିଜ୍ଞାନକୁ ନେଇ ଅଗ୍ରଗତି କରି ସୁଖ ସ୍ୱାଚ୍ଛନ୍ଦ୍ୟର ଜୀବନ ଗଢ଼ି ତୋଳିଛି । କିନ୍ତୁ ପ୍ରକୃତ ଆତ୍ମାର ସୁଖ ଓ ଶାନ୍ତିର ଅନୁସନ୍ଧାନରେ ମନୁଷ୍ୟ ଆଜି ଆଧ୍ୟାତ୍ମିକତା ଆଡ଼କୁ ଆଗେଇ ଚାଲିଛି ମନରେ ଅସୁମାରୀ ପ୍ରଶ୍ନ ନେଇ । ଏହାରି ଉପରେ ଆଲୋଚନା କରିବା ପାଇଁ ନୂଆଦିଲ୍ଲୀ ସ୍ଥିତ 'କର୍ପୋରେଟ ଆଶ୍ରମ' ଏବଂ 'ରାଉରକେଲା ଆସୋସିଏସନ୍ ଫର୍ ବାୟୋଜେନେସିସ୍ ଅଫ୍ ସାଇନ୍ସ ଏଣ୍ଡ ସ୍ପିରିଚୁଆଲିଟି' (ଆର.ଏ.ବି.ଏସ୍.ଏସ୍.)ର ମିଳିତ ଉଦ୍ୟମରେ ଛେଣ୍ଡ କଲୋନୀ ସ୍ଥିତ ଗୋପବନ୍ଧୁ ପାଠାଗାର ଠାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରର ଶୀର୍ଷକ ଥିଲା 'ମାନବ ଜୀବନ ଚର୍ଯ୍ୟାରେ ବିଜ୍ଞାନ ଓ ଆଧ୍ୟାତ୍ମିକତାର ପ୍ରଭାବ' । ଆଲୋଚକ ଭାବେ ହାଇଟେକ୍ ମେଡିକାଲ୍ କଲେଜର ଉପ ଅଧିକ୍ଷକ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ରାଉରକେଲା ଇସ୍ପାତ କାରଖାନାର ସେବା ନିବୃତ୍ତ ସହ ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ମହାପାତ୍ର, ଖ୍ୟାତନାମା ଯୋଗ ଗୁରୁ ତଥା ସମାଜ ସେବୀ ଶ୍ରୀକାନ୍ତ ଷଡ଼ଙ୍ଗୀ, ଏହି ବିଷୟ ଉପରେ ଆଲୋକପାତ କରିବା ସହ ବହୁ ମୂଲ୍ୟବାନ ଓ ଜ୍ଞାନଗର୍ଭକ ତତ୍ତ୍ୱ ସମ୍ମିଳିତ ବ୍ୟାଖ୍ୟା କରିଥିଲେ । ପ୍ରାରମ୍ଭରେ କର୍ପୋରେଟ ଆଶ୍ରମର ପ୍ରତିଷ୍ଠାତା ସଦସ୍ୟା ଲିପ୍ସା ମହାନ୍ତି, ଆର.ଏ.ବି.ଏସ୍.ଏସ୍.ର ଉପ ସଭାପତି ଦେବ ପ୍ରସାଦ ମହାପାତ୍ର ଏବଂ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଲିପ୍ସା ମହାନ୍ତି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଦେବ ପ୍ରସାଦ ମହାପାତ୍ର ଆର.ଏ.ବି.ଏସ୍.ଏସ୍.ର ଜନ୍ମ, ଗଠନ ଓ ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପୁରାତନ ଭାରତୀୟ ସଂସ୍କୃତି, ବିଜ୍ଞାନ, ପାଶ୍ଚାତ୍ୟ ଏବଂ ଭାରତୀୟ ବୈଜ୍ଞାନିକ ତଥା ଭାରତର ଆଧ୍ୟାତ୍ମିକ ଗୁରୁମାନେ କିପରି ବିଜ୍ଞାନ ଓ ଆଧ୍ୟାତ୍ମିକତା, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ତାହା ନିଜର ପାଣ୍ଡିତ୍ୟ ପୂର୍ଣ୍ଣ ଅଭିଭାଷଣରେ ବର୍ଣ୍ଣନା କରି ଶ୍ରୋତା ମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ସୁବାସ ଚନ୍ଦ୍ର ମହାପାତ୍ର ଶକ୍ତି କେତେ ପ୍ରକାର ଓ ସାରା ବ୍ରହ୍ମାଣ୍ଡରେ ତା'ର ଗୁରୁତ୍ୱ, ଅହଂର ସ୍ୱରୂପ ଏବଂ ଏହାର ଆବଶ୍ୟକତା ସମ୍ପର୍କରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝାଇଥିଲେ । ଶ୍ରୀକାନ୍ତ ଷଡ଼ଙ୍ଗୀ ଯୋଗ, ବିଜ୍ଞାନ ଓ ଆଧ୍ୟାତ୍ମିକତାର ସଂଜ୍ଞା ଏବଂ ସେମାନେ କିପରି ପରସ୍ପର ପରିପୂରକ ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ । ଆର.ଏ.ବି.ଏସ୍.ଏସ୍.ର ସାଧାରଣ ସମ୍ପାଦକ ଡଃ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୁନ୍ଦର ଶବ୍ଦ ସମନ୍ୱୟରେ ତିନିଜଣ ବକ୍ତାଙ୍କର ବକ୍ତବ୍ୟକୁ ସଂକ୍ଷେପରେ ରଖି ବିଶ୍ୱର ସୃଷ୍ଟି, ପୃଥିବୀରେ ମଣିଷ ଓ ବିଜ୍ଞାନର ଅଗ୍ରଗତି ସହିତ ଆଧ୍ୟାତ୍ମିକତାର ଗୁରୁତ୍ୱ ଉପରେ ନିଜର ମତ ପ୍ରଦାନ କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନାଚକ୍ରରେ ରାଉରକେଲାର ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

## ରାଧାଗୋବିନ୍ଦ ଜୀୟୁ କମିଟିର ବାର୍ଷିକ ସମାବେଶ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୬ନଂ ୱାର୍ଡ ଦୌଲତାବାଦ ବିଲ୍ଟ ବଜାର ସ୍ଥିତ ରାଧାଗୋବିନ୍ଦ ଜୀୟୁ କମିଟିର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ସନାତନ ମିଶ୍ରଙ୍କ ପୌରୋହିତ୍ୟରେ ପାଇକରାପୁର ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ଟପ୍ପର ଛାତ୍ରୀ ଆଦ୍ୟାଶା ପ୍ରଧାନ ଓ ନିରାଶ୍ରୟା ମହିଳା ଖୁଲଣା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ତରଫରୁ ପ୍ରତିବର୍ଷ ବିଭିନ୍ନ ସାମାଜିକ କାର୍ଯ୍ୟ, ଗରିବ ଲୋକଙ୍କୁ ସହାୟତା ଓ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । କମିଟିର ସଭ୍ୟ ବିମ୍ବାଧର ବେହେରା, ହେମନ୍ତ କୁମାର ପାତ୍ର, ଶ୍ରୀନିବାସ ସୁବୁଦ୍ଧିରାୟ, ଅରୁଣ ବେହେରା, ଅନୀଲ ଜେନା, ଅଭିରାମ ସ୍ୱାଇଁ, ରଂଜନ ସ୍ୱାଇଁ, ପ୍ରାଣବନ୍ଧୁ ବେହେରା, ନିରଞ୍ଜନ ବେହେରା, ବ୍ରଜେନ୍ଦ୍ର ନାୟକ, ଯୋଗେଶ୍ୱର ବିରୁଆ, ବୈକୁଣ୍ଠବିହାରୀ ଦାସ, ଭରତ ମୁଦୁଲିଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାତୃ ସମ୍ମିଳନୀ ୨୦୨୫ ଅନୁଷ୍ଠିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମାତୃଶକ୍ତି ମିଶନର ପ୍ରଥମ ମାତୃ ସମ୍ମିଳନୀ ୨୦୨୫ ସେକ୍ଟର ୬ ସ୍ଥିତ ଇସ୍ପାତ ସରୋବର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଶନର ଏମ୍‌ଡି ଡାକ୍ତର ସାମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ସଭାପତି ଶକ୍ତିପ୍ରଦା ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟକ୍ଷା କଲ୍ୟାଣୀ ମିଶ୍ର ଓ ସମାଜସେବୀ କିଶାନ ଗୋୟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃଶକ୍ତି ମିଶନର ଆଭିମୁଖ୍ୟ ଓ ସମାଜ ପ୍ରତି ଦାୟିତ୍ୱବୋଧ ସହ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ । ମା'ମାନଙ୍କ ସଶକ୍ତିକରଣ ସମାଜକୁ ଏକ ନୂତନ ବାର୍ତ୍ତା ଦେବାସହ ଅନ୍ୟମାନଙ୍କ ପାଇଁ ଏହା ଉଦାହରଣ ହେବ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ଏମ୍‌ଡି ଡାକ୍ତର ସାହୁ ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ରାଜ୍ୟ ସଭାପତି ବୀଣାପାଣି ରାଉତ ସ୍ୱାଗତ ଭାଷଣ ଓ ରାଜ୍ୟ ସମ୍ପାଦିକା ପୁଷ୍ପଲତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଟି ଗ୍ରୁପ୍‌ର ପାଞ୍ଚଶହରୁ ଉର୍ଦ୍ଧ୍ୱ ମା'ମାନେ ଯୋଗଦେଇଥିଲେ । ଏହି ମା'ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ରଙ୍ଗୋଲି, ସଂଗୀତ, ମେହେନ୍ଦି, ନୃତ୍ୟ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା କରାଯାଇ ସେଥିରେ ଉତ୍କର୍ଷତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ସ୍ୱାଗତ ସଂଗୀତ ପରିବେଷଣ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳତା ପାଇଁ ଆବାହିକା ଶକ୍ତିପ୍ରଦା ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜରେଇକେଲା ସଭାପତି ଇନ୍ଦୁ ସାହୁ, ହେମଗିରି ସଭାପତି କୁମୁଦିନୀ ମେହେର, ସୁନ୍ଦରଗଡ ସଭାପତି ପ୍ରଭାସିନୀ ସେଠ୍, ମହେନ୍ଦ୍ର, ଶୁଭାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ଜିଲ୍ଲା ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ଜିଲ୍ଲା ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ କଟକ ସିଟି କଲେଜ ସ୍ଥିତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଶତାଧିକ ସ୍ୱୟଂ ସେବକ ନିଜର ଗଣବେଶରେ ପଥ ସଞ୍ଚାଳନ କରିଥିଲେ । ଏହାପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଡକ୍ଟର ମନୋରଞ୍ଜନ ମହାପାତ୍ର ଯୋଗଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବ ପ୍ରନ୍ତର ସହ କାର୍ଯ୍ୟବହ ସୁଦର୍ଶନ ଦାସ, ନେତାଜୀ ସୁବାଷ ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଇଂରେଜ ବିରୋଧୀ ବିଭିନ୍ନ ବିଦ୍ରୋହ ଓ ଜୀବନୀ ଉପରେ ନିଜର ମନ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଡକ୍ଟର ମହାପାତ୍ର, ବ୍ୟକ୍ତି ନିର୍ମାଣ ଉପରେ ନିଜର ମନ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟବହ ଲଳିତ କୁମାର ପ୍ରଧାନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଶୁଭେଚ୍ଛୁ ଉପସ୍ଥିତ ଥିଲେ । କଟକ ଜିଲ୍ଲାର ସଂଘଚାଳକ ବିପିନ ବିହାରୀ ରାଉତ୍ ଏଥିରେ ଅଧ୍ୟକ୍ଷତା କରିଥିଲେ । ପଥ ସଞ୍ଚାଳନକୁ ରାଜ ରାସ୍ତାର ଦୁଇ କଡ଼ରେ ଉପସ୍ଥିତ ହୋଇ ଜନସାଧାରଣ ପୁଷ୍ପବର୍ଷା ଦ୍ୱାରା ସ୍ୱାଗତ କରିଥିଲେ ।

## ଝିରପାଣି ଠାରେ ୨୪ତମ ମକର ମିଳନ ଓ ଟିସୁ ମେଳା ଅନୁଷ୍ଠିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଝିରପାଣି ସ୍ଥିତ ଯଙ୍ଗ ଆଦିବାସୀ କ୍ଲବ ପଡିଆ ୨୪ ତମ ମକର ମିଳନ ଓ ଟିସୁ ମେଳା ଅନୁଷ୍ଠିତ ହୋଇଯାଇଛି । ଝିରପାଣି ମକର ମିଳନ କମିଟିର ସଭାପତି ହାଲୁ ମୁଣ୍ଡାରୀ (ଖ)ଙ୍କ ସଭାପତିତ୍ୱ ଓ ସମ୍ପାଦକ ନିଳାମ୍ବର ମୁଣ୍ଡାରୀ ଓ କୋଷାଧ୍ୟକ୍ଷ କିଶୋର ମୁଣ୍ଡାରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ତଥା ଜିଲ୍ଲାପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସମାଜସେବୀ ଗୌରୀ କୁମ୍ଭାର,ଏ ତିର୍କି, ମଙ୍ଗଲୁ ଖାଡ଼ିଆ, ରାମଚନ୍ଦ୍ର ଗାଡିଆ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ସଂସ୍କୃତି ହେଉଛି ଆମ ପରିଚୟ । ଏ ମାଟି ଆଦିବାସୀର ମାଟି ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ମହାନ୍ ଏହାସହ ସେ ୨୯ କୋଟିରେ ଝିରପାଣି ମିଟକୁନ୍ଦୁରୀ ରାସ୍ତା, ୨୨ କୋଟିରେ ଝିରପାଣି ବନ୍ଧମୁଣ୍ଡା ରାସ୍ତା, ଝିରପାଣି ହାଇସ୍କୁଲ୍ ପାଇଁ ୧୧ କୋଟି ଖର୍ଚ୍ଚ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ମୁଣ୍ଡାରୀ ଓ ଅନ୍ୟ ଅତିଥିଗଣ ସେମାନଙ୍କ ବକ୍ତବ୍ୟରେ ମକର ଏକ ଶାନ୍ତିର ଉତ୍ସବ ଓ ଟିସୁ ମା'ଙ୍କ ଆଲୌକିକ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଝିରପାଣି ଓ ଆଖପାଖ ଅଞ୍ଚଳରୁ ୧୩ଟି ଟିସୁ ମେଢ଼ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଝିରପାଣି କଂସାରୀ ବସ୍ତି ଏ, କୁମାର ବସ୍ତି ଏ, ଆର୍ ଏସ୍ କଲୋନୀ ବନ୍ଧମୁଣ୍ଡା, ଝିରପାଣି



ମୁଣ୍ଡାରୀ ବସ୍ତିର ମହିଳା ମାନେ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ମ୍ୟୁଜିକ୍ ଚେୟାର ଓ ଅନ୍ୟାନ୍ୟ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ୍ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ସୋମଲାଲ ମୁଣ୍ଡାରୀ, ନବୀନ ମୁଣ୍ଡାରୀ, ଅଜୟ ନାଲ୍‌କୋ, ଅମିତ ବାରା, ରବି ସାଉଣ୍ଡ, ଦଶରଥ କଂସାରୀ, ଜଗଦିଶ ମୁଣ୍ଡାରୀ, ଗଣେଶ ଲୋହାର, ସୀତାରାମ ମାହାତୋ, ରାମଚନ୍ଦ୍ର ତନ୍ତୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଜନସାଧାରଣ ଯୋଗଦେଇଥିଲେ ।

## ନନ୍ଦପୁର ଶିଶୁ ବିଦ୍ୟାମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ବହୁ ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ କଞ୍ଚନା ଦେବୀ ବିଶ୍ୱାଳ ଓ ନୀଳାମ୍ବର ସେଠୀ ଦୀପ ପ୍ରଜ୍ୱଳିତ କରି ଶୁଭ ମାନସିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ କଞ୍ଚନା ବିଶ୍ୱାଳ ଓ ଉପସ୍ଥିତ ଗୁରୁଜୀ ଗୁରୁମା ମାନେ ମହାପୁରୁଷ ମାନଙ୍କ ସ୍ମୃତିଚାରଣ କରିଥିଲେ । ବିଦ୍ୟାଳୟର କୁନି କୁନି ଭାଇ ଭଉଣୀ ମାନେ ମଧ୍ୟ ବକ୍ତୃତା ମାଧ୍ୟମରେ ମହାପୁରୁଷଙ୍କ ମହତ ବାଣୀ ବିଷୟରେ ପ୍ରତିଭା ପ୍ରଦର୍ଶନ କରିଥିଲେ । ଶେଷରେ ମିଷ୍ଟାନ୍ନ ବଣ୍ଟନ କରି କାର୍ଯ୍ୟକ୍ରମକୁ ଅନ୍ତିମ ସ୍ୱରୂପ ଦିଆଯାଇଥିଲା ।

## ସିଙ୍ଘୋନି ପକ୍ଷରୁ ନାଟ୍ୟ ମହୋତ୍ସବ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଗତ ଡିସେମ୍ବର ମାସ ୨୭, ୨୮, ୨୯ ରିଖରେ ତ୍ରିଦିବସୀୟ ସିଙ୍ଘୋନି ପକ୍ଷରୁ କରାଯାଇଥିବା ଯୁବ ତରଙ୍ଗ ଓ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ସମୀକ୍ଷା ବୈଠକ ସିଙ୍ଘୋନିର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲ୍ଲାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବା ନାଟ୍ୟ ମହୋତ୍ସବ ଅତି ଶୃଙ୍ଖଳିତ ଓ ସଫଳ ଭାବରେ ସମ୍ପନ୍ନ ହୋଇଥିବାରୁ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ହୋଇଥିବା ସମସ୍ତ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟ ଓ ସଭ୍ୟାମାନେ ଏହି ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ବର୍ଷ ନିମନ୍ତେ ସର୍ବ ସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହିତ ହୋଇଥିଲା । ଏଥିରେ ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ, ନୃସିଂହ ତ୍ରିପାଠୀ, ଜୟଶ୍ରୀ ଦାସ, ଗୋଲାପ ରାଉତ, କୈଳାଶ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଡ. ଗିରିଜା କାନ୍ତ ଦାସ, ଡ. ସୁକାନ୍ତ କୁମାର ପ୍ରଧାନ, ଅଧ୍ୟାପକ ପବିତ୍ର କୁମାର ସ୍ୱାଇଁ, ଅଧ୍ୟାପକ ଶଶୀଭୂଷଣ ଜେନା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ ।

## ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ପାଳିତ

## ମୟୁରଭଞ୍ଜର ହକ୍ ପାଇଁ ଭଞ୍ଜସେନା ଲଢେଇ ଜାରି ରଖିବ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜାନୁୟାରୀ ୨୩ ତାରିଖ ଭାରତବର୍ଷର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଦିବସରେ ପ୍ରତିଷ୍ଠା ହୋଇଥିବା ମୟୁରଭଞ୍ଜ ଜିଲ୍ଲାର ଏକମାତ୍ର ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନାର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ବୁଧବାର ଦିନ ଜିଲ୍ଲାରେ ଥିବା ବିଭିନ୍ନ ଛୋଟବଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସଂଗଠନ କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୋଗୀଙ୍କୁ ଫଳ ଓ ବିସ୍କୁଟ୍ ବଣ୍ଟନ କରାଯିବା ସହ ବାରିପଦା ଠାରେ ସଂଗଠନ ପକ୍ଷରୁ ମୟୁରଭଞ୍ଜର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା । ଗୁରୁବାର ଚିଂ ସ୍ଥିତ ମୟୁରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମାଆ କିଚକେଶ୍ୱରୀ ଦେବୀଙ୍କ ମନ୍ଦିର ସମେତ ସବୁ ଦେବାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସଦର ମହକୁମା ବାରିପଦା ଠାରେ ସଂଗଠନର କର୍ମକର୍ତ୍ତା ମାନେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ମଧୁବନ ମାଆ ଭୈରବୀ ମନ୍ଦିର ନିକଟରୁ ଏକ ବିଶାଳ ଶୋଭାଯାତ୍ରା ସଂଗଠନର ଅଧ୍ୟକ୍ଷ ସଂଜୀବ ରାଉତଙ୍କ ତତ୍ତ୍ୱାବଧାନରେ ସହର ପରିକ୍ରମା କରି ଛଉ ପଡିଆରେ ପହଞ୍ଚିଥିଲା । ସଂଗଠନର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଂଜୀବ ରାଉତ, ଶୃଙ୍ଖଳା କମିଟୀ ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, କାର୍ଯ୍ୟକାରୀ ଅଧ୍ୟକ୍ଷ ଅଞ୍ଜନ ବରାଳ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଦକ୍ଷିଣା ମହାନ୍ତ, କନିକା ବୋଷ, ଜିତେନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା ପ୍ରମୁଖ ଯୋଗଦେଇ ମୟୁରଭଞ୍ଜର ହକ୍ ପାଇଁ ଭଞ୍ଜସେନା ତାର ଲଢେଇ ଜାରି ରଖିବ ବୋଲି କହିଥିଲେ । ଶୋଭାଯାତ୍ରାରେ ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ, ଜିଲ୍ଲା ଉପସଭାପତି ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ମହମ୍ମଦ ଫିରୋଜ, ପ୍ରୀତମ ପଣ୍ଡା, ଧନଞ୍ଜୟ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଶାଖା ସଭାପତି ଏସ. କେ. ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, ମୁଖପାତ୍ର ମାନସ ବେହେରା ପାଞ୍ଚପୀଢ ଉପଖଣ୍ଡ ସଭାପତି ମାଇକେଲ ମହାନ୍ତ, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜିଲ୍ଲା ଛାତ୍ର ସଭାପତି କିଷାନ କୁମାର ସାହୁ, ଜିଲ୍ଲା କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ, ରୁପାଲୀ ରୂପନ୍ୱିତା ବେହେରା, ପ୍ରଶାନ୍ତ ମହାକୁଡ଼, ସଞ୍ଜୟ ମାହାନା, ସୁନୀଲ ମହାପାତ୍ର, ସଚିନ ସାଲାଂଖୀ, ସଞ୍ଜୟ ମହାନ୍ତ, ଗୌରାଙ୍ଗ ଘଡେଇ ପ୍ରମୁଖଙ୍କ ସହିତ ସମଗ୍ର ଜିଲ୍ଲାରୁ ଦଶ ହଜାରରୁ ଉର୍ଦ୍ଧ୍ୱ ଯୁବଛାତ୍ର ସାମିଲ୍ ଥିଲେ ।




## ଡିଏଭି କଳିଙ୍ଗନଗରରେ ପରାକ୍ରମ ଦିବସ ପାଳିତ:ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଡିଏଭି କଳିଙ୍ଗ ନଗରରେ ପରାକ୍ରମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍କଳ ମାତାର ଦୁଇ ମହାନାୟକ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥିଙ୍କ ସମେତ ବିଦ୍ୟାଳୟର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା, ଅଧ୍ୟକ୍ଷ ବଳରାମ ମହାପାତ୍ର, ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଏସ୍‌ଆଇଆର୍‌ଆଇଏମ୍‌ଏମ୍‌ଟିର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡଃ ଦେବୀ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇ ମୁକ୍ତି ସଂଗ୍ରାମୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ରକ୍ତଦାନ ଶିବିରରୁ ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଠାରୁ ଏକଚାଳିଶ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ଓଲ୍ଡ ଏଜ୍ ହୋମ୍‌ର ବୃଦ୍ଧ ଓ ଅନାଥ ଅନ୍ତେବାସୀମାନଙ୍କୁ ସହାୟତା ପ୍ରଦାନ କରଯାଇଥିଲା । ଆମ ପରିବେଶକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ କୁଣ୍ଡରେ ଲଗାଯାଇଥିବା ବୃକ୍ଷର ଏକ ପ୍ରତିଯୋଗିତା କରଯାଇଥିଲା । ଏହାକୁ ସହାୟକ କୃଷି ଅଧିକାରୀ ଜୟନ୍ତ କୁମାର ଜେନା ଓ ଉଦ୍ୟାନ ବିଶେଷଜ୍ଞ ଉଦ୍ଧବ ଚରଣ ବେହେରାଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଥିଲା । ଏହା ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାମୂହିକ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା । ପରିଶେଷରେ ବାର୍ଷିକ ପ୍ରକଳ୍ପର ଇପିଫେନିସର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଡିକ ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

## କଣ୍ଟାବାଞ୍ଜିରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଆର୍‌ଏସ୍‌ଆର୍‌ଏସ୍ କ୍ଲବ ଦ୍ୱାରା ଆୟୋଜିତ ଗତ ୧୯ ତାରିଖ ଦିନ କଣ୍ଟାବାଞ୍ଜି ସିଆର୍‌ସିସି ଦୀନେଶ ମହାନନ୍ଦଙ୍କ ନେତୃତ୍ୱରେ ସରକାରି ନୋଡାଲ୍ ସ୍କୁଲ୍‌ରେ କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ସବୁ ସ୍କୁଲ୍ ଓ କଲେଜ କିମ୍ବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଝରଣୀ ଓ ଲକ୍ଷ୍ମୀ ବିକାଶ ଟେକ୍ନୋ ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ସ୍ଥାନୀୟ ହରିଭବନ କଣ୍ଟାବାଞ୍ଜିରେ ନେତାଜୀ ସୁଭାଷ ଚନ୍ଦ୍ର ବୋସ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ଅଗ୍ରୱାଲ ସମାଜର ସମ୍ପାଦକ ସନ୍ତୋଷ କୁମାର ଅଗ୍ରୱାଲ, ସମାଜସେବୀ ଧର୍ମାନନ୍ଦ ଜୁଏଡ, ଘାସିରାମ ଜୈନ, ଅଜୟ ଶର୍ମା ଓ ବରିଷ୍ଠ ଓକିଲ ବ୍ରଜ ଶ୍ୟାମ ଗୁରୁ ଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କୁ ପ୍ରେରଣାଦାୟକ ଶବ୍ଦ କହି ମଙ୍ଗଳ ଭବିଷ୍ୟତ ପାଇଁ କାମନା କରିଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଓ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୬ ଜାନୁଆରୀ, ରବିବାର, ୨୦୨୫



# ରୋହିତ ଶର୍ମା ଆଇସିସି ଟି-୨୦ ଟିମ୍‌ର ଅଧିନାୟକ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ତାଙ୍କୁ ଆଇସିସି ୨୦୨୪ ପାଇଁ ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମର ଅଧିନାୟକ ଭାବେ ଚୟନ କରିଛି। ୨୦୨୪ ବର୍ଷରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଆଇସିସି ପକ୍ଷରୁ ଏପରି ଦଳ ଗଠନ କରାଯାଇଛି। ରୋହିତ ଟିମର ନେତୃତ୍ୱ ନେବାକୁ ଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା ଓ ଅର୍ଶଦୀପ ସିଂହ ମଧ୍ୟ ଦଳରେ ଅଛନ୍ତି।

ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନର ବ୍ୟାଟର ବାବର ଆଜମଙ୍କୁ ଆଇସିସି ଟି-୨୦ ଟିମରେ ସୁଯୋଗ ମିଳିଛି । କିନ୍ତୁ ଭାରତକୁ ଟି-୨୦ ବିଶ୍ୱକପ ଜିତାଇଥିବା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଆଇସିସି ଟିମରେ ରଖି ନାହିଁ । ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ବିଶ୍ୱକପ ଫାଇନାଲରେ ବିରାଟ ମ୍ୟାଚ୍ ବିଜୟୀ ୫୯ ବଲରେ ୭୬ ରନର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସ ବଳରେ ଭାରତ ଫାଇନାଲରେ ୭ ୱିକେଟ ହରାଇ ୧୭୬ ରନ କରିଥିଲା।

ଏହାର ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ୱିକେଟ ହରାଇ ୧୬୯ ରନ କରିପାରିଥିଲା। ଦକ୍ଷିଣ ଆଫ୍ରିକାକୁ ୭ ରନରେ ହରାଇ ଭାରତ ଦ୍ୱିତୀୟ ଥର ପାଇଁ ଟି-୨୦ ବିଶ୍ୱକପ ଜିତିବାକୁ ସକ୍ଷମ ହୋଇ ଥିଲା। କିନ୍ତୁ ବିରାଟଙ୍କୁ ଆଇସିସି ଶ୍ରେଷ୍ଠ ଟି-୨୦ ଏକାଦଶରେ ସୁଯୋଗ ମିଳିନାହିଁ। ସେହିପରି ଟି-୨୦ରେ ବିଶ୍ୱର ୧ନଂ ବ୍ୟାଟର ସୂର୍ଯ୍ୟ କୁମାର ଯାଦବ ମଧ୍ୟ ଆଇସିସି ଟିମରେ ନାହାନ୍ତି । ୨୦୨୪ ଟି-୨୦ ବିଶ୍ୱକପ୍ ପରେ ଦକ୍ଷିଣ ଆଫ୍ରିକା ଫାଇନାଲ ଖେଳିଥିଲା। ତଥାପି ଦଳର ଜଣେ ହେଲେ ଖେଳାଳି ଆଇସିସି ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମରେ ସ୍ଥାନ ପାଇ ନାହାନ୍ତି।

ଜୁନ ମାସରେ ବିରାଟ ବିଶ୍ୱକପ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ଭାରତ ବିଶ୍ୱକପ ଜିତିବା ପରେ ବିରାଟ ଓ ରୋହିତ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ପୂରା ବିଶ୍ୱକପରେ ଭାରତ ତାର ଦବଦବା ଦେଖାଇବା ସହ ୧୧ ବର୍ଷ ପରେ ଟ୍ରଫି ତୋଳିବାକୁ ସକ୍ଷମ ହୋଇଥିଲା।

ଆଇସିସି ଗଠନ କରିଥିବା ଟି-୨୦ ଟିମର ପେସ ବୋଲିଂର କମାଣ ୩ ଭାରତୀୟଙ୍କ ହାତରେ ରହିଛି। ସେମାନେ ହେଲେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହାର୍ଦ୍ଦିକ ପାଣ୍ଡ୍ୟା। ଏହି ୩ ବୋଲର ଟି-୨୦ ବିଶ୍ୱକପରେ ମଧ୍ୟ ଭାରତୀୟ ବୋଲିଂ ଆଟାକର ମଙ୍ଗ ସମ୍ଭାଳିଥିଲେ। ଦଳରେ ଆଫଗାନିସ୍ତାନର ରାଶିଦ ଖାନ ଓ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ସ୍ପିନ ବୋଲର ଭାବେ ସ୍ଥାନ ପାଇଛନ୍ତି। ଏମାନଙ୍କୁ ସାଥ ଦେବା ପାଇଁ ଜିମ୍ବାୱେର ସିକନ୍ଦର ରାଜାଙ୍କୁ ଅଲରାଉଣ୍ଡ ଭାବେ ଦଳରେ ରଖାଯାଇଛି।

ଦଳ ପାଇଁ ରୋହିତ ଶର୍ମାଙ୍କ ସହ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଟ୍ରାଭିସ ହେଡ୍ ଓପନ କରିବେ। ଇଂଲଣ୍ଡର ଫିଲ ସଲ୍ଟ ନମ୍ବର ୩ ଓ ବାବର ଆଜମ ୪ନଂରେ ଖେଳିବେ। ୱିକେଟ କିପର ଭାବେ ୱେଷ୍ଟଇଣ୍ଡିଜର ନିକୋଲାସ ପୂରନ ରହିଛନ୍ତି। ସେ ୱିକେଟ କିପିଂ ସହ ମଧ୍ୟକ୍ରମରେ ବ୍ୟାଟିଂ କରିବେ।

ବାବର ଟି-୨୦ ବିଶ୍ୱକପରେ ରନ କରିବାରେ ସଂଘର୍ଷ କରିଥିଲେ। ସେ ୪ଟି ମ୍ୟାଚ୍‌ରେ କେବଳ ୧୨୨ ରନ କରିପାରିଥିଲେ। କିନ୍ତୁ ୨୦୨୪ରେ ସେ ୨୪ ମ୍ୟାଚ୍‌ରେ ୭୩୮ ରନ କରିଥିବାରୁ ବିରାଟଙ୍କ ବଦଳରେ ତାଙ୍କୁ ଆଇସିସି ଦଳରେ ରଖିଛି।

୨୦୨୪ ବର୍ଷ ରୋହିତ ଶର୍ମାଙ୍କ ପାଇଁ ଟି-୨୦ରେ ସର୍ବଶ୍ରେଷ୍ଠ ଥିଲା। କାରଣ ତାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଜିତିଛି। ରୋହିତ ମଧ୍ୟ ବ୍ୟାଟିଂରେ ନିଜର ଜଲୱା ଦେଖାଇଛନ୍ତି। ସେ ୧୧ଟି ମ୍ୟାଚ୍‌ରେ ୩୭୮ ରନ କରିଛନ୍ତି । ତାଙ୍କ ବ୍ୟାଟିଂ ହାର ୪୨ ରହିଥିବା ବେଳେ ସେ ୧୬୦ ଷ୍ଟ୍ରାଇକ ରେଟରେ ରନ କରିଥିଲେ। ଟି-୨୦ ବିଶ୍ୱକପରେ ମଧ୍ୟ ରୋହିତଙ୍କ ବ୍ୟାଟରୁ ୩ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ବିଶେଷ କରି ସେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ବିସ୍ଫୋରକ ୯୨ ରନ କରିଥିଲେ।

୨୦୨୪ ବର୍ଷରେ ଅର୍ଶଦୀପ ମଧ୍ୟ କମାଲ କରିଛନ୍ତି । ସେ ଟି-୨୦ରେ ମାତ୍ର ୧୮ ମ୍ୟାଚ୍‌ରେ ୩୬ଟି ୱିକେଟ ଦଖଲ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ବିଶ୍ୱକପରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଜଲୱା ଦେଖାଇଥିଲେ । ସେ ଫାଇନାଲରେ ଶେଷ ଓଭର ବୋଲିଂ କରି ଭାରତକୁ ବିଜୟ ଭେଟି ଦେଇଥିଲେ।

ଆଇସିସିର ଟି-୨୦ ଟିମ: ରୋହିତ ଶର୍ମା(ଅଧିନାୟକ), ଟ୍ରାଭିସ ହେଡ, ଫିଲ ସଲ୍ଟ, ବାବର ଆଜମ, ନିକୋଲସ ପୂରନ(ୱିକେଟ କିପର), ସିକନ୍ଦର ରାଜା, ହାର୍ଦ୍ଦିକ ପାଣ୍ଡ୍ୟା, ରାଶିଦ ଖାନ, ୱାନିନ୍ଦୁ ହସରଙ୍ଗା, ଯଶପ୍ରୀତ ବୁମ୍‌ରା ଓ ଅର୍ଶଦୀପ ସିଂହ।

# ବିସିସିଆଇକୁ କଡ଼ା ଚେତାବନୀ ଦେଲା ଆଇସିସି

**ନୂଆଦିଲ୍ଲୀ**

ପାକିସ୍ତାନ ଆୟୋଜକତ୍ୱରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫିକୁ ନେଇ ବିବାଦ ଶେଷ ହେବାର ନାଁ ନେଉନାହିଁ। ଟୁର୍ଣ୍ଣାମେଣ୍ଟଟି ହାଇବ୍ରିଡ୍ ମଡେଲରେ ଅନୁଷ୍ଠିତ ହେବା ପରେ ମାମଲା ଶାନ୍ତ ପଡ଼ିଥିବା ବେଳେ ଏବେ ଏକ ନୂତନ ସମସ୍ୟା ଆରମ୍ଭ ହୋଇଛି । ବିସିସିଆଇ ଏକ ବିବାଦ ଆରମ୍ଭ କରିଛି । ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ବିସିସିଆଇ ପାକିସ୍ତାନ ପ୍ରିଣ୍ଟେଡ୍ କିଟ୍ ପିନ୍ଧିବାକୁ ମନା କରିଦେଇଛି ବୋଲି ଜଣାପଡ଼ିଛି ।









ଭୁବନେଶ୍ୱର
୨୬ ଜାନୁଆରୀ
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାଷ୍ଟ୍ରପତି ପୁରସ୍କାର ଘୋଷଣା : ସମ୍ମାନିତ ହେବେ ୯୪୨ ଜଣ

## ଓଡ଼ିଶାର ୧୯ ଜଣଙ୍କୁ ପୋଲିସ ପଦକ



**ନୂଆଦିଲ୍ଲୀ ୨୫।୦୧**
ସାଧାରଣତନ୍ତ୍ର ଦିବସ ପାଇଁ ରାଷ୍ଟ୍ରପତିଙ୍କ ପୁରସ୍କାର ଘୋଷଣା କରାଯାଇଛି। ଓଡିଶାରୁ ୧୯ ପୋଲିସ ପାଇବେ ରାଷ୍ଟ୍ରପତି ପୁରସ୍କାର । ଉତ୍କୃଷ୍ଟ ସେବା ପାଇଁ ୨ ଜଣଙ୍କୁ ମିଳିବ ରାଷ୍ଟ୍ରପତି ପୁରସ୍କାର । ସାହସିକତା ପାଇଁ ୬ ପୋଲିସଙ୍କୁ ମିଳିବ ପୁରସ୍କାର । ସେହିପରି ଉଲ୍ଲେଖନୀୟ ସେବା ପାଇଁ ୧୧ ଜଣଙ୍କୁ ମିଳିବ ପୁରସ୍କାର। ସେହିପରି ଅନ୍ୟରାଜ୍ୟ ମଧ୍ୟରେ ଅରୁଣାଚଳ ପ୍ରଦେଶରୁ ୩, ଆସାମରୁ ୧୫, ବିହାରରୁ ୯, ଛତିଶଗଡ଼ରୁ ୨୨, ଦିଲ୍ଲୀରୁ ୨୦, ଗୋଆରୁ ଜଣେ, ଗୁଜରାଟରୁ ୧୧, ହରିୟାଣାରୁ ୯, ଝାଡଖଣ୍ଡରୁ ୧୨, କର୍ଣ୍ଣାଟକରୁ ୨୧, କେରଳରୁ ୧୧, ମଧ୍ୟପ୍ରଦେଶରୁ ୨୧, ମହାରାଷ୍ଟ୍ରରୁ ୪୩, ମଣିପୁରରୁ ୮, ମେଘାଳୟରୁ ୩, ମିଜୋରାମ୍‌ରୁ ୪, ନାଗାଲଣ୍ଡରୁ ୪, ପଞ୍ଜାବରୁ ୧୭, ରାଜସ୍ଥାନରୁ ୧୭, ସିକ୍କିମରୁ ୨, ତାମିଲନାଡୁରୁ ୨୩, ତେଲେଙ୍ଗାନାରୁ ୧୪, ତ୍ରିପୁରାରୁ ୭, ଉତ୍ତରପ୍ରଦେଶରୁ ୯୫, ଉତ୍ତରାଖଣ୍ଡରୁ ୫, ପଶ୍ଚିମବଙ୍ଗରୁ ୨୨ ଜଣ ପୁରସ୍କାର ପଦକ ପାଇଁ ମନୋନୀତ ହୋଇଛନ୍ତି । ସେହିପରି କେନ୍ଦ୍ରଶାସିତ ରାଜ୍ୟ ମଧ୍ୟରୁ ଆଣ୍ଡାମନ ଓ ନିକୋବରରୁ ୩, ଚଣ୍ଡିଗଡରୁ ୨, ଲଦାଖରୁ ୨, ପୁଡୁଚେରୀରୁ ୩, ଜମ୍ମୁ ଓ କଶ୍ମୀରରୁ ୨୭ ଜଣ ରହିଛନ୍ତି । ସେହିପରି ପୋଲିସ, ଅଗ୍ନିଶମ, ହୋମଗାର୍ଡ ଏବଂ ସୁଧାର ସେବାର ୯୪୨ କର୍ମୀଙ୍କୁ ଗ୍ୟାଲେଣ୍ଟ୍ରି ଆୱାର୍ଡରେ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରୁ ୯୫ ଯବାନଙ୍କୁ ବୀରତ୍ୱ ପଦକ, ୧୦୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ, ୭୪୬ ଜଣଙ୍କୁ ପ୍ରଶଂସନୀୟ ପଦକ ମିଳିବ। ବୀରତ୍ୱ ପୁରସ୍କାର ମଧ୍ୟରୁ ଅଧିକାଂଶ ନକ୍ସଲ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଥିବା ଯବାନଙ୍କୁ ସମ୍ମାନିତ କରାଯିବ। ସେମାନଙ୍କ ମଧ୍ୟରୁ ନକ୍ସଲ ପ୍ରଭାବିତ ଅଞ୍ଚଳର ୨୮ ଯବାନ, ଜମ୍ମୁ କଶ୍ମୀରର ୨୭ ଯବାନ, ଉତ୍ତର-ପୂର୍ବର ୩ ଯବାନ ଏବଂ ଅନ୍ୟ ଅଞ୍ଚଳର ୩୬ ଯବାନଙ୍କୁ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବ।





ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ଅବସରରେ ରାଜଧାନୀ ସ୍ଥିତ ବିଭିନ୍ନ ସରକାରୀ ସୌଧ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ। (ଫଟୋ : ସମ୍ବାଦ କଳିକା)

# ପଦ୍ମଶ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ : ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଉପରେ କଲେ ଆଲୋଚନା



**ଭୁବନେଶ୍ୱର, ୨୫/୧ ନ୍ୟୁଜ ବ୍ୟୁରୋ**
ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଗର୍ବିତ କରି ପଦ୍ମ ସମ୍ମାନରେ ସମ୍ମାନିତ ହୋଇଥିବା ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିଛନ୍ତି । ପଦ୍ମଶ୍ରୀ ଡ଼.ଜିତେନ୍ଦ୍ର ହରିପାଲ, ଚର୍ତୁଭୁଜ ମେହେର, ପଦ୍ମଶ୍ରୀ ପ୍ରମୋଦ ଭଗତ, ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ସହ ଅନ୍ୟମାନଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସରେ ଏହି ସାକ୍ଷାତ ବେଳର ଫଟୋ ସେୟାର କରିଛନ୍ତି । ମୁଖ୍ୟମନ୍ତ୍ରୀ ଏଥିରେ ଲେଖିଛନ୍ତି, 'ଏହି ବରେଣ୍ୟ ବ୍ୟକ୍ତିଙ୍କ ଉଲ୍ଲେଖନୀୟ ଅବଦାନର ସମ୍ମାନର୍ଥେ ରାଜ୍ୟ ସରକାର ପଦ୍ମଶ୍ରୀଙ୍କ ପାଇଁ ୩୦,୦୦୦ ଟଙ୍କାର ମାସିକ ପେନସନ୍ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଏହି ପଦକ୍ଷେପ ପାଇଁ ସେମାନଙ୍କ କୃତଜ୍ଞତାରେ ମୁଁ ଅଭିଭୂତ ହୋଇଛି ।'
ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, 'ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବାର ଉପାୟ ଉପରେ ଆମେ ଆଲୋଚନା କରିଛୁ । ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶକୁ ମୁଁ ପାଇ ବହୁମୂଲ୍ୟ ଏବଂ ଗୌରବମୟ ପରମ୍ପରା ଓ ସଂସ୍କୃତିର ଅଗ୍ରଗତି ପାଇଁ ମୋର ପ୍ରତିବଦ୍ଧତାକୁ ନିଶ୍ଚିତ କରୁଛି । ଆମ ସାଂସ୍କୃତିକ ଆଦର୍ଶମାନଙ୍କୁ ସମ୍ମାନ ଦେବା ଏବଂ ଏହି ସଂଯୋଗକୁ ମଜଭୁତ କରିବା ଆମ ସରକାର ପାଇଁ ଏକ ପ୍ରାଥମିକତା ହୋଇରହିଛି ।'

## କିଟ୍ ଓ କିସ୍ ପକ୍ଷରୁ ମିନି ମାରାଥନ

# ପାଟାଥନରେ ଶାଢ଼ି ପିନ୍ଧି ଦୌଡ଼ିଲେ ୬ ହଜାର ମହିଳା

ଭୁବନେଶ୍ୱର, ୨୫ ।୧ ନ୍ୟୁଜ ବ୍ୟୁରୋ
କିଟ୍ ଓ କିସ୍ ପକ୍ଷରୁ ପ୍ରତିବର୍ଷ ଓଡ଼ିଶାର ସମସ୍ତ ଜିଲ୍ଲା ତଥା ଭାରତର ବିଭିନ୍ନ ସହରରେ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଓଡ଼ିଶାର ୩୭ଟି ସ୍ଥାନ ଓ ଭାରତର ୬୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଏହି ମିନି ମାରାଥନ ଆୟୋଜନ କରାଯାଇଥିଲା। ଏହାର ଏକ ଅଂଶ ବିଶେଷ ଭୁବନେଶ୍ୱରରେ ନିଆରା ଢଙ୍ଗରେ 'ପାଟାଥନ' ଆୟୋଜନ କରାଯାଇଥିଲା। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପାଟାଥନର ଦ୍ୱିତୀୟ ସଂସ୍କରଣରେ ୬ ହଜାର ମହିଳା ପାଟ ଶାଢ଼ି ପିନ୍ଧି ଦୌଡ଼ିଥିଲେ। 'ମହିଳା ସଶକ୍ତିକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା' ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଟାଥନ ଆୟୋଜନ କରାଯାଉଛି। କିଟ୍, କିସ୍ ଓ କିମ୍‌ସର



୫ହଜାର ମହିଳା କର୍ମଚାରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳାମାନେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ। ଶିଖରଚଣ୍ଡୀ ମନ୍ଦିର ଛକରୁ କିସ୍ ଆଥଲେଟିକ୍ ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନେ ଦୌଡ଼ିଥିଲେ। ଏହି ଗଣଦୌଡ଼ରେ ରାଉରକେଲାର କିରଣ ମାହାତୋ ପ୍ରଥମ ପୁରସ୍କାର ୫୦ ହଜାର ଟଙ୍କା ଜିଣିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଯଥାକ୍ରମେ କଟକର ତେଜସ୍ୱିନୀ କିସପଟ୍ଟା ଓ ସସ୍ମିତା ବେହେରା ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ପୁରସ୍କାର ଜିତିଥିଲେ। ସେହିପରି ୭ଜଣ ରନର୍ସଅପ୍‌ଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ସମସ୍ତ ବିଜୟୀଙ୍କୁ ପାଟଶାଢ଼ି ପ୍ରଦାନ କରାଯାଇଥିଲା। କିଟ୍ କେ-୩ ମହିଳା କ୍ଲବ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟର ପ୍ରିତିନନ୍ଦା ରାଉତରାୟ, ଅଲିମ୍ପିଆନ୍ ଦୂତି ଚାନ୍ଦ, ଅନୁରାଧା ବିଶ୍ୱାଳ, ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ମାରାଥନରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ଉତ୍ସାହିତ ଓ ପୁରସ୍କାର ପ୍ରଦାନ କରିଥିଲେ। 'ସମସ୍ତଙ୍କ ପାଇଁ ଶିକ୍ଷା' ନେଇ ସାଧାରଣରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତଙ୍କ ପ୍ରୋତ୍ସାହନରେ ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି।

# ୨୩ ଜିଲ୍ଲାର ସଭାପତିଙ୍କ ନାଁ ଘୋଷଣା କଲା ବିଜେପି

**ଭୁବନେଶ୍ୱର, ୨୫/୧ ନ୍ୟୁଜ ବ୍ୟୁରୋ**
ବିଭିନ୍ନ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କଲା ବିଜେପି । କଟକ ଜିଲ୍ଲା ବିଜେପି ସଭାପତି ହେଲେ ସୁକାନ୍ତ ବିଶ୍ୱାଳ । ଦେବେନ୍ଦ୍ର ନାଥ ତରାଇ ହେଲେ ପୁରୀ ଜିଲ୍ଲା ବିଜେପି ସଭାପତି । ରାହାସ ବିହାରୀ ବେହେରା ହେଲେ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି । ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ହେଲେ ସରୋଜ ସାବତ। ଶ୍ରୀବତ୍ସ ବେହେରା ହେଲେ ବଲାଙ୍ଗିର ଜିଲ୍ଲା ସଭାପତି । ଘୋଷଣା ହୋଇଛି ବିଜେପିର ଜିଲ୍ଲା ସଭାପତିଙ୍କ ନାଁ। ବିଭିନ୍ନ ଜିଲ୍ଲାରେ ଦଳୀୟ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଘୋଷଣା କରିଛି ଦଳ । ଗଞ୍ଜାମ, ବଲାଙ୍ଗୀର, କଟକ ନଗର, ପୁରୀ, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦ୍ରାପଡା, ବାଲେଶ୍ୱର, କଳାହାଣ୍ଡି, ମୟୂରଭଞ୍ଜ ଓ ଦେବଗଡ଼ ଜିଲ୍ଲା ପାଇଁ ସଭାପତିଙ୍କ ନାଁ ଘୋଷଣା ହୋଇଛି । ତେବେ ଗୋଟିଏ ପର୍ଯ୍ୟାୟରେ ସବୁ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା ହୋଇପାରୁନି । ଦୁଇଟି ପର୍ଯ୍ୟାୟରେ ନାଁ ଘୋଷଣା ହୋଇପାରେ । ଶନିବାର ପ୍ରଥମ ଦିନରେ ୨୩ଟି ସାଂଗଠନିକ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୩ଟି ସାଂଗଠାନିକ ଜିଲ୍ଲାର ଜିଲ୍ଲା ସଭାପତି ନା ଘୋଷଣା ହେବା ପରେ ବାକି ୧୪ଟି ଜିଲ୍ଲା ସଭାପତିଙ୍କ ନାଁ ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା କରାଯିବ ବୋଲି ସୂଚନା ରହିଛି ।




